ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୦୩ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 AUGUST 2023

Vol.No. 35 ■ No. 205 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ସାଂସଦଙ୍କ ଆଚରଣରେ ଲୋକସଭା ବାଚସ୍ପତିଙ୍କ ଅସନ୍ତୋଷ


ନୂଆଦିଲ୍ଲୀ, ୨/୦୮ (ନି.ପ୍ର): ଲୋକସଭା ବାଚସ୍ପତି ଓମ ବିରଲା ଗୃହ ଭିତରେ ସାଂସଦଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତାଙ୍କ କହିବା କଥା ଯେ, ଯେ ପର୍ଯ୍ୟନ୍ତ ସାଂସଦମାନେ ଗୃହର ମର୍ଯ୍ୟାଦା ଅନୁଯାୟୀ ଆଚରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ସେ ଗୃହକୁ ଆସିବେ ନାହିଁ । ସେ ଆଜି ଗୃହର ପ୍ରକ୍ରିୟାରେ ଯୋଗ ଦେଇନଥିଲେ । ଲୋକସଭା ବାଚସ୍ପତି ବିର୍ଲା ଆଜି ସଂସଦରେ ରହିଛନ୍ତି କିନ୍ତୁ କାର୍ଯ୍ୟପ୍ରକ୍ରିୟାରେ ଭାଗ ନେଇ ନାହାଁନ୍ତି । ସେ ସକାଳେ ଲୋକସଭା ପ୍ରକ୍ରିୟାରେ ଉପସ୍ଥିତ ନ ଥିଲେ । ତାଙ୍କ ସ୍ଥାନରେ ପ୍ରିଜାଇଡ଼ିଂ ଅଫିସର ଭାବରେ ମିଥୁନ ରେଡ଼ି ଉପସ୍ଥିତ ଥିଲେ । ଦ୍ୱିପହର ଦୁଇଟା ସମୟରେ ମଧ୍ୟ ସେ ଉପସ୍ଥିତ ନଥିଲେ । ଏହି ସମୟରେ ପ୍ରଫେସର କିରିଟ ସୋଲଙ୍କି ଲୋକସଭା ପ୍ରକ୍ରିୟା ପରିଚାଳନା କରିଥିଲେ । ତେବେ ଉତେଜନା ହେତୁ ଅଳ୍ପ ସମୟ ମଧ୍ୟରେ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା । ସୂଚନାଯୋଗ୍ୟ ଯେ, ପୂର୍ବଦିନ ଗୃହ ପ୍ରକ୍ରିୟାରେ ସଦସ୍ୟଙ୍କ ଆଚରଣକୁ ନେଇ ସେ ନାରାଜ ଅଛନ୍ତି ।

# ଅଧିକ ଫୋର୍ସ ମୁତୟନ ସହ ହେଟସ୍ପିଚ୍ ରୋକିବାକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨/୦୮ : ହରିଆଣାର ନୁହ୍‌ରେ ଆରମ୍ଭ ହୋଇଥିବା ସାଂପ୍ରଦାୟିକ ଦଙ୍ଗାର ପ୍ରଭାବ ଦିଲ୍ଲୀ ଏନସିଆରରେ ଦେଖିବାକୁ ମିଳିଛି । ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ ଲୋକ ସାଂପ୍ରଦାୟିକ ହିଂସା ବିରୋଧରେ ଦିଲ୍ଲୀରେ ବିକ୍ଷୋଭ ଆରମ୍ଭ କରି ଦେଇଛନ୍ତି । ଏନସିଆର ବ୍ୟତୀତ ଆଉ ୨୩ଟି ସ୍ଥାନରେ ମଧ ସେମାନେ ପ୍ରତିବାଦ ସଭା ଆୟୋଜନ କରୁଛନ୍ତି । ସେମାନଙ୍କ ଆନ୍ଦୋଳନ ହିଂସାକୁ ଆହୁରି ଉସକାଇବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ସର୍ଭେଲାନ୍ସକୁ ନିଶ୍ଚିତ କରିବା ପାଇଁ ଆଜି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିକ୍ଷୋଭ ଶୋଭାଯାତ୍ରା ବେଳେ ଯେମିତି କୌଣସି ହିଂସା ଘଟିବ ନାହିଁ କିମ୍ବା ଏଥିରେ ସାମିଲ ଥିବା ଲୋକମାନେ କୌଣସି ଘୃଣା ସୃଷ୍ଟି କରିବା ଭଳି ବୟାନ ଦେବେ ନାହିଁ, ସେକଥା ନିଶ୍ଚିତ କରିବାକୁ ମଧ ସର୍ବୋଚ୍ଚ ଅଦାଲତ ପ୍ରଶାସନକୁ କହିଛନ୍ତି । ଏହାବାଦ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଅର୍ଦ୍ଧ ସାମରିକ ବାହିନୀ ସହ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାକର୍ମୀ ମୁତୟନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି । କୋର୍ଟ କହିଛନ୍ତି, "ଆମର ଆଶା ଓ ବିଶ୍ୱାସ ଅଛି ଯେ ରାଜ୍ୟ ସରକାର ପୁଲିସ୍ ପ୍ରଶାସନ ସହ ମିଶି ଶୋଭାଯାତ୍ରା ବେଳେ କୌଣସି ସଂପ୍ରଦାୟ ବିରୋଧରେ ଯେମିତି ଘୃଣା ସୃଷ୍ଟି କରିବା ଭଳି ବୟାନ କେହି ନ ଦେବେ, ସେକଥାକୁ ସୁନିଶ୍ଚିତ କରିପାରିବେ । ଏଥିସହ ସର୍ବସାଧାରଣ ସମ୍ପତ୍ତି ବିରୋଧରେ ଯେମିତି ହିଂସା ସୃଷ୍ଟି ନ ହେବ, ତା' ଉପରେ ମଧ ନଜର ରଖିବେ । ଯେତେବେଳେ ଦରକାର ପଡ଼ିବ ଅତିରିକ୍ତ ପୁଲିସ୍ ଫୋର୍ସ କିମ୍ବା ଅର୍ଦ୍ଧସାମରିକ ମୁତୟନ କରିବେ । ସେହିପରି ଅଧିକାରୀମାନେ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇ ପାରିବେ କିମ୍ବା ସମ୍ବେଦନଶୀଳ ଅଞ୍ଚଳରେ ଭିଡିଓ ରେକର୍ଡିଂ କରିବେ । ସିସିଟିଭି ଫୁଟେଜକୁ ସଂରକ୍ଷିତ କରି ରଖାଯିବ ।" ହରିଆଣା ହିଂସା ବିରୋଧରେ ଭିଏଚ୍‌ପି ଓ ବଜରଙ୍ଗ ଦଳ ପକ୍ଷରୁ ଆଜି ଏନସିଆର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଉଥିବାରୁ ଏହା ଉପରେ ରୋକ ଲଗାଇବା ପାଇଁ ଆବେଦନକାରୀ ସିୟୁ ସିଂହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିକ୍ଷୋଭ ବେଳେ ହିଂସା ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏହାର ଜରୁରୀ ଶୁଣାଣି ପାଇଁ ଶ୍ରୀ ସିଂହ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ଜଷ୍ଟିସ ବୋଷ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟରେ ଆବେଦନ କରିବାକୁ କହିଥିଲେ । ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୫ ଜଣିଆ ସାମ୍ବିଧାନିକ ବେଞ୍ଚ ଧାରା ୩୭୦ ଉଚ୍ଛେଦ ସମ୍ପର୍କିତ ଆବେଦନ ଶୁଣାଣି କରୁଥିବାରୁ ଶ୍ରୀ ସିଂହଙ୍କୁ ଲଞ୍ଚ ଟାଇମ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା । ଲଞ୍ଚ ଟାଇମରେ ଜଷ୍ଟିସ ଚନ୍ଦ୍ରଚୂଡ଼ ଆବେଦନକୁ ଗ୍ରହଣ କରିଥିଲେ । ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଏସ୍‌ଭି ଭାଟ୍ଟିଙ୍କ ଖଣ୍ଡପୀଠକୁ ଏହାର ଶୁଣାଣି ପାଇଁ କହିଥିଲେ ।

## ପ୍ରୋଜେକ୍ଟ ଚିତାକୁ ଶକ୍ତ ଝଟକା: ପୁଣି ଗୋଟିଏ ବାଘ ଆଖି ବୁଜିଲା, ସଂଖ୍ୟା ୯ରେ ପହଞ୍ଚିଲା



ନୂଆଦିଲ୍ଲୀ,୨/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତ ସରକାରଙ୍କ ପ୍ରୋଜେକ୍ଟ ଚିତାକୁ ପୁଣି ଝଟକା ଲାଗିଛି । ସେପ୍ଟେମ୍ବର ୨୦୨୨ରେ ଉକ୍ତ ପ୍ରୋଜେକ୍ଟ ମାଧ୍ୟମରେ ବିଦେଶରୁ କ୍ରମାଗତ ଭାବେ ଚିତାଙ୍କୁ ଭାରତ ଅଣା ଯାଇଉଛି । ଭାରତୀୟ ଜଙ୍ଗଲରେ ଚିତା ବାଘର ବଂଶବୃଦ୍ଧି ଏହାର ଲକ୍ଷ୍ୟ ଥିଲା । ଖୋଦ୍ ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିତାମାନଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଛାଡ଼ି ଥିଲେ । କିନ୍ତୁ ସେମାନଙ୍କୁ ସୁରକ୍ଷା ଦେବାରେ ମଧ୍ୟପ୍ରଦେଶ ସରକାର ଓ ଉଦ୍ୟାନ କର୍ମଚାରୀ ବାରମ୍ବାର ବିଫଳ ହେବାରେ ଲାଗିଛନ୍ତି । ଏଥିଯୋଗୁ କୁନୋ ଜାତୀୟ ଉଦ୍ୟାନରେ ଗୋଟିଏ ପରେ ଗୋଟିଏ ଚିତା ପ୍ରାଣ ହରାଉଛନ୍ତି । ପୂର୍ବରୁ ୮ଟି ଚିତା ପ୍ରାଣ ହରାଇଥିବା ବେଳେ ଆଜି ପୁଣି ଗୋଟିଏ ଚିତା କୁନୋ ଜାତୀୟ ଉଦ୍ୟାନରେ ଆଖି ବୁଜିଛି । ଫଳରେ ଗତ ୧୧ ମାସ ମଧ୍ୟରେ ୩ଟି ଛୁଆଙ୍କୁ ମିଶାଇ ମୋଟ ୯ଟି ଚିତା କୁନୋ ଜାତୀୟ ଉଦ୍ୟାନରେ ପ୍ରାଣ ହରାଇ ସାରିଲେଣି । ଏବେ ପ୍ରାଣ ହରାଇଥିବା ଚିତାର ନାଁ ଧରିତ୍ରୀ । ସେ ୨୦୨୦ ଏପ୍ରିଲ ମାସରେ ନାମ୍ବିଆର ଇରିଣ୍ଡି ପ୍ରାଇଭେଟ ଗେମ ଅଭ୍ୟାୟରଣରେ ଜନ୍ମ ହୋଇଥିଲା । ତା'ର ମା' ପ୍ରଥମେ ଚିଡ଼ିଆଖାନାରେ ରହୁଥିଲା । କିନ୍ତୁ ୩ ବର୍ଷ ତଳେ ତା'କୁ ପୁଣି ଜଙ୍ଗଲରେ ଛଡ଼ା ଯାଇଥିଲେ । ଜଙ୍ଗଲରେ ଥିବା ବେଳେ ଧରିତ୍ରୀ ଓରଫ ଟବିଲିସି ଜନ୍ମ ଗ୍ରହଣ କରିଥିଲା । ଟିବିଲିସିକୁ ସାଢ଼େ ୩ ବର୍ଷ ବୟସ ହୋଇଥିବା ବେଳେ ସେ ଭାରତ ଆସିଥିଲା । କିନ୍ତୁ ଏବେ ତା'ର ମୃତ୍ୟୁ ଘଟିଛି । କୁନୋ ଜାତୀୟ ଉଦ୍ୟାନରେ ରହିବା

▶▶ପୃଷ୍ଠା ୭

## ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ



ଭୁବନେଶ୍ୱର, ୨/୦୮ (ନି.ପ୍ର): ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି । ଖଣ୍ଡଗିରି ଥାନାରେ ହୋଇଥିବା ହନି ଟ୍ରାପ୍ ମାମଲାରେ ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । କିନ୍ତୁ ଇଡି ମାମଲାରେ ଜାମିନ ମିଳି ନ ଥିବାରୁ ଏବେ ବି ଜେଲରେ ରହିବେ ଅର୍ଚ୍ଚନା । ପୂର୍ବରୁ ଏପ୍ରିଲ ମାସରେ ଅକ୍ଷୟ ପରିଜା ବ୍ଲାକମେଲ କେସରେ ଅର୍ଚ୍ଚନା ନାଗଙ୍କୁ ଜାମିନ ମିଳିଥିଲା । ଖଣ୍ଡଗିରି ଥାନାରେ ରୁଜୁ ମାମଲାରେ ଭୁବନେଶ୍ୱରସ୍ଥିତ ଦୌରା ଅଦାଲତରେ ଜାମିନ ଖାରଜ ହେବାପରେ ଅର୍ଚ୍ଚନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅର୍ଚ୍ଚନା ନାଗ ଘଟଣାରେ ନିଜକୁ ପୀଡ଼ିତା ବୋଲି

▶▶ପୃଷ୍ଠା ୭

## ବର୍ଷା ବିପ୍ଲାତ: ୯ ଜିଲ୍ଲାକୁ ପଠାଗଲା ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମ୍

### ■୧୦ ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣି ଜାରି

### ■ମାଆ ଭଟ୍ଟାରିକାଙ୍କ ମନ୍ଦିରରେ ପଶିଲା ବନ୍ୟାଜଳ





ଭୁବନେଶ୍ୱର, ୨/୦୮ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ରାଜ୍ୟରେ ଗତ ୩ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ବର୍ଷା ତଥା ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ୯ଟି ଜିଲ୍ଲାରେ ୧୦ଟି ଓଡ୍ରାଫ ଓ ଏନଡିଆରଏଫ ଟିମକୁ ମୁତୟନ କରିଥିବାବେଳେ ୧୦ଟି ଜିଲ୍ଲାରେ ୧୩ଟି ଅଗ୍ନିଶମ ସେବା ଟିମକୁ ମୁତୟନ କରିଛନ୍ତି । ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଓଡ୍ରାଫ ଟିମକୁ କେନ୍ଦୁଝର, ସମ୍ବଲପୁରର ରେଢାଖୋଲ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, ଅନୁଗୁଳ, ବୌଦ୍ଧ ଓ ବାଲେଶ୍ୱର ଜିଲ୍ଲାରେ ମୋଟ୍ ୮ଟି ଟିମକୁ ମୁତୟନ କରାଯାଇଥିବା ବେଳେ ଏନଡିଆର ଏଫର ଗୋଟିଏ ଲେଖାଏଁ ଟିମକୁ ଭଦ୍ରକ ଓ ଯାଜପୁରରେ ମୁତୟନ କରାଯାଇଛି । ସେହିପରି ଭଦ୍ରକ ଓ ଯାଜପୁରରେ ୩ଟି ଲେଖାଏଁ ଅଗ୍ନିଶମ ବାହିନୀ ଟିମ ସମେତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବାଲେଶ୍ୱର ଜିଲ୍ଲାରେ ୧୩ଟି ଟିମ୍ ମୁତୟନ ଅଛନ୍ତି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ପ୍ରବଳ ବର୍ଷା ଯୋଗୁ କେବଳ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ଅନ୍ୟ ସବୁ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ତେବେ ଏସବୁ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।

▶▶ପୃଷ୍ଠା ୭

## ଜୁଲାଇରେ ୨୧ଲକ୍ଷ ଟଙ୍କା ଫାଇନ୍ ଗଣିଛନ୍ତି ୪୧୫୬ ଅମାନିଆ ଗାଡ଼ି ଚାଳକ

ଭୁବନେଶ୍ୱର, ୨/୦୮ (ନି.ପ୍ର): ରାଜଧାନୀରେ ୨୧ଲକ୍ଷ ଟଙ୍କା ଫାଇନ୍ ଗଣିଛନ୍ତି ଅମାନିଆ ଗାଡ଼ି ଚାଳକ । ଭୁବନେଶ୍ୱର ସହରାଂଚଳରେ ବିଭିନ୍ନ ଥାନା ପକ୍ଷରୁ ସେଫ୍ ସିଟି ଡ୍ରାଇଭ୍ ଅଭିଯାନ ଚାଲିଥିବା ବେଳେ ଗତ ଜୁଲାଇ ୧ରୁ ୩୧ ମଧ୍ୟରେ ମଦ୍ୟପଙ୍କଠାରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି । ୪୧୫୬ ଜଣ ଅମାନିଆ ଗାଡି ଚାଳକଙ୍କଠାରୁ ୨୦ ଲକ୍ଷ ୯୯ ହଜାର ୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି । ଖାରବେଳନଗର ଥାନା ଅଂଚଳରୁ ସର୍ବାଧିକ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ ହୋଇଛି ।


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୪ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୩

ଅବଗଣନା

୦୩ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ଲୋଭନୀୟ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୬ ଅଗଷ୍ଟ, ୨୦୨୩, ରବିବାର ପୂର୍ବାହ୍ନ @ ୯ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


## ୫୦ ଅଣସଂଗଠିତ ବର୍ଗର ଶ୍ରମିକଙ୍କ ପାଇଁ ମିଳିବ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨/୦୮ (ନି.ପ୍ର): ରାଜ୍ୟର ବିଭିନ୍ନ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଘୋଷଣା । ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ କଲ୍ୟାଣ ଯୋଜନାରେ ନୂତନ ଭାବରେ ୫୦ ଅଣସଂଗଠିତ ଶ୍ରମିକଙ୍କୁ କରାଗଲା ସାମିଲ । ଏଣିକି ଏହି ବୋର୍ଡରେ ପଞ୍ଜୀକୃତ ଶ୍ରମିକ ପାଇବେ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ଏବଂ ସ୍ୱାଭାବିକ ମୃତ୍ୟୁ ସହାୟତା । ଏହି ଶ୍ରମିକଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ୪ ଲକ୍ଷ, ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସହାୟତା ୨ ଲକ୍ଷ ଟଙ୍କା ସହାୟତା ମିଳିବ । ଏହି ନୂତନ ବର୍ଗରେ ରହିଛନ୍ତି- ଦରଜୀ/ଏମ୍ବ୍ରୋଡୋରୀ କାରିଗର, ବାରିକ ସ୍ୱା, ସେଲୁନ ଓ ବିଉଟି ପାର୍ଲୋରରେ କାମ କରୁଥିବା କର୍ମଚାରୀ । ମହାରଣା, ମତ୍ସ୍ୟଜୀବୀ, କମାର, ରେଳବାଇ କୁଲି, ମାଲ ଲୋଡିଂ ଏବଂ ଅନ୍‌ଲୋଡିଂରେ ନିୟୋଜିତ ଶ୍ରମିକ ତଥା ମୁଣ୍ଡରେ ବୋଝ ବୋହୁଥିବା ଶ୍ରମିକ । ଆହୁରି ମଧ କୁମ୍ଭାର, ପଥର ଶିଳ୍ପୀ ଏବଂ ସହାୟକ, ଜରି ଗୋଟାଳି, ପରିମଳ କର୍ମଚାରୀ, ରଜକ/ ଲଣ୍ଡ୍ରୀ ଓ ଡ୍ରାଇ କ୍ଲିନର୍ କର୍ମଚାରୀ ଇତ୍ୟାଦି । ବୋର୍ଡରେ ପଞ୍ଜୀକୃତ ଶ୍ରମିକଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ମିଳିବାକୁ ଥିବା ୪ ଲକ୍ଷର ସହାୟତାର ପୂର୍ବରୁ ୨ ଲକ୍ଷ ଟଙ୍କା ରହିଥିଲା । ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସହାୟତାକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଛି । ୨୦୧୭ ମେରେ ଆରମ୍ଭ ହୋଇଥିବା ଏହି ବୋର୍ଡ ଜରିଆରେ ବର୍ତ୍ତମାନ ୧୦ଟି ବର୍ଗର ପ୍ରାୟ ୩.୬୫ ଲକ୍ଷ ପଞ୍ଜୀକୃତ ଶ୍ରମିକ ସୁବିଧା ପାଉଛନ୍ତି । ଏବେ ଆଉ ୫୦ ବର୍ଗର ଅଣସଂଗଠିତ ଶ୍ରମିକ ଏହି ଯୋଜନାରୁ ଉପକୃତ ହେବେ । ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି ।

## ପାହାଡ଼ରୁ ଖସିଲା ବଡ଼ ପଥର: ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନ ଲାଇନ୍‌ଚ୍ୟୁତ



ଅନୁଗୁଳ, ୨/୦୮ (ନି.ପ୍ର): ପାହାଡ଼ରୁ ଖସିଲା ବଡ଼ ପଥର ଖଣ୍ଡ । ଆଉ ସେହି ପଥର ଖଣ୍ଡ ଏକ ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନ ଉପରେ ଖସି ପଡ଼ିଲା । ଫଳରେ ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇଯାଇଛି । ଏପରି ଏକ ଅଘଟଣ ଆଜି ସକାଳେ ଅନୁଗୁଳ ଜିଲ୍ଲା ବଇଣ୍ଡା ଠାରୁ ଗୋଟିଏ କିମି ଦୂର ଶରଧାମୁଣ୍ଡା ନିକଟରେ ଘଟିଛି । ଆଜି ସକାଳେ ଏକ ମାଲବାହୀ ଟ୍ରେନ୍ ତାଳଚେରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଶରଧାମୁଣ୍ଡା ନିକଟରେ ହଠାତ୍ ପାହାଡରୁ ଏକ ବିରାଟ ପଥର ଖଣ୍ଡ ଖସିଲା ।

▶▶ପୃଷ୍ଠା ୭

# କାଗଜ କଳ ପୁର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଘଂଟିଆ ରାସ୍ତାରୋକୋ ଆନ୍ଦୋଳନ

ଜୟପୁର, ୨/୦୭ (ନି.ପ୍ର): ଆଜି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ରୋକ ଆନ୍ଦୋଳନ କରାଯାଇଛି । କାଗଜ କଳ ଶ୍ରମିକ ସଂଘ ଓ ସିଟି କୋଅର୍ଡିନେସନ କମିଟି ତଥା ଗଣ ସଂଗଠନ ମାନଙ୍କୁ ନେଇ କାଗଜ କଳ ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ଓ ସମସ୍ତ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି । ଜୁଲାଇ ୧୪ ତାରିଖ ଠାରୁ ଜୟପୁର କାଗଜ କାରଖାନା ଉତ୍ପାଦନ ବନ୍ଦ ରହିଛି । ତାର ଏକ ମାତ୍ର କାରଣ ହେଉଛି କଂଚାମାଲ କେମିକାଲ କୋଇଲା ସ୍ୱେୟାର୍ ପାର୍ଟ୍ସ ନାହିଁ । କେବେ ଚାଲିବ ତାର ମଧ୍ୟ କୌଣସି ସଠିକ୍ ତାରିଖ ମ୍ୟାନେଜମେଂଟ କହୁନାହିଁ । ଶ୍ରମିକ ମାନେ ଆତ ଙ୍କିତ ଅବସ୍ଥାରେ ଅଛନ୍ତି । ତିନି ମାସ ହେଲା ସ୍ଥାୟୀ ଶ୍ରମିକ ଓ ଚାରିମାସ ହେବ ଠିକା ଶ୍ରମିକ ସେକ୍ୟୁରିଟୀ ଗାର୍ଡ ମାନଙ୍କୁ ଦରମା ମିଳି ନାହିଁ । ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାରକୁ ପି ଏଫ୍ , ଗ୍ରାଚ୍ୟୁଇଟି ପେନସନ , ବକେୟା ପାଉଣା ମିଳିନାହିଁ । ସଂଘ ମାନେ ମ୍ୟାନେଜମେଂଟକୁ ପଚାରିଲେ ଉତର ମିଳୁଛି ଶୀଘ୍ର ଚାଲିବ । ବନ୍ଦ ହେଇ ପନ୍ଦର ଦିନ ରୁ ଅଧିକ ହେଇଗଲା । ୨୦୨୦ ଫେବୃଆରୀ ୨୬ ରେ ଏ କାରଖାନା ର ମାଲିକାନା ମଦର ଆର୍ଥ କମ୍ପାନୀକୁ ଗଲା , ବିକ୍ରୟ କାଗଜ ପତ୍ର ଦେଖେଇ କାରଖାନା ଚଲେଇବା ପାଇଁ ୨୦୨୦ ଜୁନ୍ ଆଠ ତାରିଖରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ମଧ୍ୟ ନେଇଛନ୍ତି । କିନ୍ତୁ ଚାରି ବର୍ଷ ପାଖେଇଲାଣି ଅଥଚ କାରଖାନା ପୁର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ଚାଲିଲା ନାହିଁ । କଂଚାମାଲ ମାତ୍ର ଦିନେ ପାଇଁ ବି ରହୁନି । ଦୁଇଶହ ଟନ୍ ବିଶିଷ୍ଟ କାରଖାନା କୁ ଲଗାତାର ଚଲେଇବା ପାଇଁ ଅନ୍ତତଃ ୧୫ ଦିନ ର କଂଚାମାଲ କେମିକାଲ କୋଇଲା ସ୍ୱେୟାର୍ ପାର୍ଟ୍ସ ସବୁ ରଖିବା କଥା । ମାସ ମାସ ଧରି ଦରମା ନଦେଲେ ମଧ୍ୟ ଶ୍ରମିକ ମାନେ ଯାହା ବି ହେଉ କାରଖାନା ଚାଲୁ ବୋଲି ଚିନ୍ତା କରି ଚୁପ୍ ରହୁଛନ୍ତି । ଶ୍ରମିକ ମାନଙ୍କ ଭଲ ଚିନ୍ତାଧାରା କୁ ସେମାନଙ୍କ ଦୁର୍ବଳତା ମନେକରି ମ୍ୟାନେଜମେଣ୍ଟ ଶୋଷଣ କରି ଚାଲିଛି । ଏ ବିଷୟ ରେ ଜିଲ୍ଲା ପାଳ ହସ୍ତକ୍ଷେପ କରି ଗତ ଡିସେମ୍ବର -୦୯ ତାରିଖରେ ମିଟିଂ ଡକେଇଥିଲେ କିନ୍ତୁ ଶେଷ ମୁହୁର୍ତରେ ବାତିଲ କରି ଦେଲେ , ତାହା ଆଜି ପର୍ଯ୍ୟନ୍ତ ହୋଇନି । ଶିଳ୍ପମନ୍ତ୍ରୀ ଙ୍କୁ ସାକ୍ଷାତ କଲେ , ମୁଖ୍ୟମନ୍ତ୍ରୀଙ୍କ ଫାଇଭ୍ ଟି ସଚିବ ଙ୍କୁ ଭେଟିଲେ, କିନ୍ତୁ ଯେଉଁ ରାଜ୍ୟ ସରକାର କାରଖାନା ଚଲେଇବା ପାଇଁ ଏନ୍ ଓ ସି ଦେଲେ କାରଖାନା ଚାଲୁଛି କି ନାହିଁ ବୁଝିବା ଆବଶ୍ୟକତା ମଣୁ ନାହାଁନ୍ତି । ଜୟପୁର ବିଧାୟକ ନିଜେ ଗୈ ।ତମ ଥାପର ଓ ମ୍ୟାନେଜମେଂଟ ଉଚ୍ଚ ଅଧିକାରୀଙ୍କୁ ଭେଟିସାରି ଅନେକ ଥରେଆଲୋଚନା କରିଛନ୍ତି ମ୍ୟାନେଜମେଂଟ ଦୁଇ ମାସ ମଧ୍ୟରେ ସବୁ ଠିକ୍ ହୋଇଯିବ ବୋଲି କହୁଛି । ଚାରି ବର୍ଷ ହେଲା ପୁଣି ସ୍ଥିତି ତଳକୁ ଯାଉଛି । କାରଖାନା ଭଲ ଚାଲୁଛି, ଶ୍ରମିକ ମାନେ ପୁର୍ଣ୍ଣ ସହଯୋଗ କରୁଛନ୍ତି । କାରଖାନାର ବର୍ତମାନର ସ୍ଥିତି ରାଜ୍ୟ ସରକାର, ଲୋକ ପ୍ରତିନିଧି ଓ ଜନସାଧାରଣଙ୍କ ସମ୍ମୁଖକୁ ଆଣିବା ପାଇଁ ରାଜ ରାସ୍ତା କୁ ଓହ୍ଲେଇଛନ୍ତି । ଯଦି ଆଗାମୀ ୧୫ ଦିନ ଭିତରେ କମ୍ପାନୀ ମ୍ୟାନେଜମେଂଟ କାରଖାନା ନଚଲାଏ ତେବେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମସ୍ତ ବର୍ଗର ଜନସାଧାରଣ ଙ୍କ ସମର୍ଥନ ରେ ବ୍ୟାପକ ଆନ୍ଦୋଳନ କରିବ । ଜୟପୁର ସହରର ସାହି ଗଳି କନ୍ଦିରେ ସଭା କରି ଆନ୍ଦୋଳନ କରିବେ । ଆଗାମୀ ବିଧାନସଭା ଅଧିବେଶନ ରେ ରାଜଧାନୀ ରେ ଧାରଣା ବିକ୍ଷୋଭ କରିବେ । ଲଗାଣ ବର୍ଷା ସତ୍ୱେ ଅନେକ ବିଧବା ମହିଳା ଓ ଶତାଧିକ ଶ୍ରମିକ ଆଜିର ଆନ୍ଦୋଳନ ରେ ଯୋଗ ଦେଇଥିଲେ । ଆଜି ର ଆନ୍ଦୋଳନ କୁ ନଳିନୀ ରଥ ,ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି,ପ୍ରଦୀପ ପାଣ୍ଡିଆ, ବନମାଳୀ ପାତ୍ର, କେଦାର ଆଚାର ?ୟ କେଦାର ମହାପାତ୍ର, ରବିନ୍ଦ୍ର ରାଉତ , ସୁଦର୍ଶନ ବିଷୋୟୀ, ବସନ୍ତ ବେହେରା,ଡି ପି ଅଗସ୍ତି, ନାରାୟଣ ଦାଶ, ବିଚିତ୍ର ରାଉତରାୟ,ପ୍ରଦୀପ ରଥ , ପି କେ ବିଶ୍ୱାସରାୟ, ପି କେ ତିୱାରୀ ,ଅଲେଖ ପାତ୍ର, ଉମା ଶତପଥୀ, ସତ୍ୟବ୍ରତ ନନ୍ଦ , ନନ୍ଦ ହରିଜନ, ବଳିଭଦ୍ର ମୋତି , ତ୍ରିନାଥ ପ୍ରଧାନ , ରାଧା ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ , ୨/୦୭ (ନି.ପ୍ର): ୭୭ ତମ ପୁରୀ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ଣରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ସ୍ୱାଧୀନତା ଦିବସ ପାଳନ ନିୟମ ଆଧାରରେ ଜିଲ୍ଲାରେ ମଧ୍ୟ ଏହି ଜାତୀୟ ଦିବସ ପାଳନ କରାଯିବ ବୋଲି ସ୍ଥିର ହେଲା । ତାଳବଣିଆ ସ୍ଥିତ ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅଗଷ୍ଟ ୧୫ ତାରିଖରେ ଦିବସ ର ମୁଖ୍ୟ ଅତିଥି ପୂର୍ବାହ୍ଣ ୯.୧୫ ମିନିଟ ସମୟରେ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ ଓ ଉଦବୋଧନ ପ୍ରଦାନ କରିବେ । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଆୟୋଜିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପ୍ୟାରେଡ୍ ପଡିଆରେ ପୁରସ୍କୃତ କରାଯିବ । ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଧ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।ଏହି ସମ୍ବର୍ଦ୍ଧନା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ନିଷ୍ପତି ନିଆଯିବ । ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ, ପୌର ପ୍ରଶାସନ ସହଯୋଗ ରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯିବ । ସେହିପରି ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ବୃକ୍ଷ ରୋପଣ, ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ବଂଟନ, ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ରେ ରକ୍ତଦାନ ଶିବିରର ଆୟୋଜନ କରାଯିବ । ଅଗଷ୍ଟ ୧୪ ତାରିଖ ଅପରାହ୍ଣ ରେ ସଦଭାବନା ସଭାଗୃହ ଠାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ସେହିପରି ସ୍ୱାଧୀନତା ଦିବସ ଦିନ ସକାଳ ୭ ଘଟିକା ରେ ଗାନ୍ଧୀ ଘାଟ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା । ପ୍ରତ୍ୟେକ ବିଭାଗ, ବ୍ୟାଙ୍କ ଓ ଅନ୍ୟାନ୍ୟ ଅନୁଷ୍ଠାନ ମାନେ ନିଜ ନିଜର କାର୍ଯ୍ୟାଳୟକୁ ସ୍ୱାଧୀନତା ଦିବସ ସଂଧ୍ୟାରେ ଆଲୋକ ମାଳାରେ ସଜେଇବାକୁ ଅନୁରୋଧ କରାଗଲା । ସ୍ୱାଧୀନତା ଦିବସ କୁ ପ୍ରତ୍ୟେକ ଜନସାଧାରଣ ଆନନ୍ଦ ଉଲ୍ଲାସ ଓ ସମ୍ମାନର ସହ ପାଳନ କରିବା, ନିଜ ଗୃହ ମାନଙ୍କୁ ସଂଧ୍ୟାରେ ଆଲୋକ ମାଳାରେ ସଜ୍ଜିତ କରିବାକୁ ମଧ୍ୟ ଅନୁରୋଧ କରାଗଲା ।

# ଉମେଶ ଚନ୍ଦ୍ର ପଣ୍ଡାଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨/୦୭ (ନି.ପ୍ର): ବଲାଙ୍ଗୀର କୁହାଯାଏ କର୍ମ ହିଁ ଭଗବାନ ଯେମିତି କର୍ମ କରିବେ ସେମିତି ଫଳ ମଧ୍ୟ ପାଇବେ ଏଭଳି ଉକ୍ତି ଓ ତାର ସତ୍ୟତା ପ୍ରତିଫଳିତ ହୋଇଛି ବଲାଙ୍ଗୀର ସହର ସ୍ଥିତ ଥିବା ସରକାରୀ ଉଠା ଜଳସେଚନ ପ୍ରକଳ୍ପ କାର୍ୟାଳୟ ପରିସରରେ । କେବଳ କାଗଜ କଲମରେ କର୍ମ କରିହୁଏନି ପ୍ରତିଟି କ୍ଷେତ୍ରରେ କର୍ମକୁ ଆଦରି ଆପଣା କରିବାକୁ ହୋଇଥାଏ ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରୂପାନ୍ତରିତ ଭାବେ । କହିବାକୁ ଗଲେ ଦୀର୍ଘ ୩୫ ବର୍ଷ କାଳ କର୍ମ ହିଁ ଭଗବାନ ହୃଦବୋଦ ମନେକରି ଉମେଶ ଚନ୍ଦ୍ର ପଣ୍ଡା ଉଠା ଜଳସେଚନ ପ୍ରକଳ୍ପ କାର୍ୟାଳୟ ରେ ଆସିଷ୍ଟାଂଟ ଏଷ୍ଟିମେଟର ଓ ଶବଡିଭିଜନ ବିଭାଗର ଏସଡ଼ିଓ ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ । ତେବେ ସୂଚନା ଅନୁସାରେ ଗାଇସିଲେଟ ଗ୍ରାମ ତାଙ୍କ ପୈତୃକ ଗ୍ରାମ ରହିଥିବା ବେଳେ ଉମେଶ ଚନ୍ଦ୍ର ପଣ୍ଡା ଜଣେ ମେଳାପୀ ପରୋପକାରୀ ବ୍ୟକ୍ତି ବିଶିଷ୍ଟ ରହି ଆସୁଛନ୍ତି । ସେ ୧୯୮୮ ମସିହାରୁ କାର୍ଯ୍ୟଭାରନେଇ ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନ ଢେଙ୍କାନାଳ, ସମ୍ବଲପୁର,ବରଗଡ଼ ପଦ୍ମପୁର, ଓ ବୟସର ଶେଷ ଭାଗରେ ବର୍ଷ ୨୦୧୮ ମାର୍ଚ୍ଚ ମାସରେ ବ୍ୱଲାଙ୍ଗୀର ଶାନ୍ତିପଡା ସ୍ଥିତ ଲିଫ୍ଟ ଇରିଗେସନ ଯାହା ଉଠା ଜଳସେଚନ ପ୍ରକଳ୍ପ ଭାବେ ବେଶ ପରିଚିତ ସେଠି କାର୍ଯ୍ୟ କରିଆସୁଥିଲେ । ସେ ସବୁ ବେଳେ କର୍ମ କୁ ଆଦରି ନିଜ କର୍ମ କରିବା ସହ ଅନ୍ୟଙ୍କୁ ମଧ୍ୟ ସୁକର୍ମ ପାଇଁ ପ୍ରେରିତ କରିଆସୁଥିଲେ । ମୁଁ ପୂର୍ବରୁ ଉମେଶ ଚନ୍ଦ୍ର ପଣ୍ଡା ସହ ଦୁହେଁ ଦୁହିଁଙ୍କୁ ଅଚିହ୍ନା ଭାବେ ଦେଖା ହେଉଥିଲୁ କିନ୍ତୁ କାର୍ୟଳୟ ରେ ମୁଁ ଆସିଲା ପରେ ସେ ଆସିଷ୍ଟାଂଟ ଏଷ୍ଟିମେଟର ଓ ଶବଡିଭିଜନରେ ଏସଡ଼ିଓ ଭାବେ ଦାୟିତ୍ୱ ନେଲେ ଓ ତାଙ୍କ କାର୍ଯ୍ୟକରିବାରେ ବହୁଗୁଡିଏ ଅଭିଜ୍ଞତା ରହିଛି । ସବୁ ପ୍ରସଙ୍ଗ ଜାଣିଥିଲେ ମଧ୍ୟ ନ ପଚାରିବା ପର୍ଯ୍ୟନ୍ତ କୌଣସି ମନମୁଖୀ କାର୍ଯ୍ୟ ସମ୍ପାଦନ କରୁଁ ନଥିଲେ । ଯାହା ଥିଲା ମୋ ପାଇଁ ଗୋଟେ ନୂଆଁ ଅନୁଭୂତି । ସେ ସବୁବେଳେ ସ୍ୱସ୍ଥ ରୁହନ୍ତୁ ଏହାହିଁ ଆମ ସମସ୍ତଙ୍କ କାମନା ଭଳି ନିଜ ମତ ରଖିଛନ୍ତି ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ସଚ୍ଚିଦାନନ୍ଦ ଦଳେଇ । ଅନ୍ୟପଟେ ଆଜି ତାଙ୍କ ଅବସରକାଳୀନ ସମାରୋହ ସଭାରେ କାର୍ଯ୍ୟ ସାଥି ଓ ତାଙ୍କଠୁଁ ଉଚସ୍ଥ ଅଧିକାରୀଙ୍କ ଭାବବିହ୍ୱଳ ଭାବାବେଗ ଶବ୍ଦରେ ବାରି ହେଉଥିଲା ଆନ୍ତରିକତା ସହ ଆତ୍ମୀୟତା । ଅବସର କାଳୀନ ସମାରୋହରେ ତାଙ୍କ କାର୍ୟଳୟର ତାଙ୍କ ଗହଣରେ ଥିବା କର୍ମଚାରୀ ସାଥି କୁହନ୍ତି ଉମେଶ ଚନ୍ଦ୍ର ପଣ୍ଡା କେବଳ ଜଣେ ଦାୟିତ୍ୱବାନ ବ୍ୟକ୍ତିବିଶିଷ୍ଟ କର୍ମଯୋଗୀ ନ ଥିଲେ ସେଥିଲେ କାର୍ୟଳୟର ଜଣେ ଅନୁଭବୀ ପରୋପକାରୀ ଓ ସ୍ନେହୀ ବ୍ୟକ୍ତିତ୍ୱ । ତାଙ୍କ ଉଦାରସିଲତା ସହ ଆତ୍ମୀୟତା ଭଲପାଇବା ଆମ ସମସ୍ତ ଙ୍କୁ ଭଲ ପାଇବାର ଖୋରାକ ଯୋଗାଇଛି । ସଠିକ ସମୟରେ କାର୍ଯ୍ୟ ସମ୍ପାଦନ କରିବା ଓ କର୍ତବ୍ୟ ପରାୟଣ ହୋଇ ଦାୟିତ୍ୱ ବହନ ଥିଲା ତାଙ୍କ ଗୁରୁମନ୍ତ୍ର । ଯାହାକୁ ଆମେ ଆଗାମୀ ଦିନରେ ଅଙ୍ଗେ ଅଙ୍ଗେ ପାଳନ କରିବା ଭଳି ମତ ରଖିଛନ୍ତି । ସେପଟେ ଅବସର କାଳୀନ ସଭାରେ ଉମେଶ ଚନ୍ଦ୍ର ପଣ୍ଡା ଙ୍କୁ ଫୁଲତୋଡା ସହ ଉତରିୟ ଓ ସେ ସମ୍ପାଦନ କରିଥିବା କାର୍ୟକାଳର ମାନପତ୍ର, ଶ୍ରୀମତ ଭାଗବତ ଗୀତା, ଶ୍ରୀ ଗଣେଶଙ୍କ ପ୍ରତିମୂର୍ତି ପ୍ରଦାନ କରିଥିଲେ ।ତା ସହ ଯାଦୁଗରୀ କାର୍ଯ୍ୟକ୍ରମ ରଖି ବିଭିନ୍ନ ପ୍ରକାର ଯାଦୁ ପରିବେଷଣ କରି ସମସ୍ତ କର୍ମଚାରୀ ଉପଭୋଗ କରିଥିଲେ । ଏହି ଅବସରରେ କାର୍ୟଳୟର ସମସ୍ତ କାର୍ଯ୍ୟ କର୍ତା ଉପସ୍ଥିତ ଥିଲେ ।

# ଟିମ୍ ହ୍ୟୁମାନିଟି କନ୍ଧମାଳ ସ୍ନେକ ହେଲ୍ପଲାଇନ ଏବଂ ବନ ବିଭାଗ ପକ୍ଷରୁ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨/୦୭ (ନି.ପ୍ର): କିଛି ଦିନହେବ ସାରା ରାଜ୍ୟରେ ବର୍ଷା ଝଡ଼ି ଲାଗି ରହିଛି । ବର୍ଷାର ବିତ୍ପାତ ପାଇଁ ସାପ ଗୋଧି ଭଳି ସରୀସୃପ ଉପାୟ ନପାଇ ଜନବସତି ଆଡ଼କୁ ଚାଲି ଆସୁଛନ୍ତି । କିଛିଦିନ ପୂର୍ବରୁ ଖବରକାଗଜ ରେ ସାପ କାମୁଡାରେ ବହୁ ଲୋକ ମୃତ୍ୟୁବରଣ କରିଥିବା ଖବର ପ୍ରକାଶିତ ହେଇଛି । ଏହାଦ୍ୱାରା ସମସ୍ତେ ପ୍ରାୟ ଭୟଭୀତ ହେଇପଡିଛନ୍ତି । ଏଭଳି ସ୍ଥିତିରେ ଫୁଲବାଣୀ ସହରରେ ତଥା ଆଖପାଖ ଗ୍ରାମାଂଚଳରେ ଘର ଭିତରକୁ ସାପ ପଶି ଆସିବା ଖବର ଆସୁଛି । ଟିମ୍ ହ୍ୟୁମାନିଟି ସ୍ନେକ ହେଲ୍ପ ଲାଇନ ଏସବୁ କାର୍ଯ୍ୟକ୍ରମ ବିଗତ ଚାରିବର୍ଷ ଧରି କରି ଆସୁଛି । କିନ୍ତୁ ଏଥର ବନ ବିଭାଗ ସହ ମିଳିତ ଭାବେ କାର୍ଯ୍ୟ କରୁଛି । ବିଶେଷ କରି ବିଭିନ୍ନ ଗ୍ରାମ ତଥା ଶିକ୍ଷାନୁଷ୍ଠାନ ଗୁଡିକରେ ସାପ କାମୁଡାରୁ ରକ୍ଷା ଏବଂ ପ୍ରତିକାର ନେଇ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହେଇଛି । ଫୁଲବାଣୀ ବନ ବିଭାଗ ରେଞ୍ଜର ଶିବାନନ୍ଦ ଲେଙ୍କା ଏବଂ ବିଭିନ୍ନ ସେକ୍ସନ ର ବନପାଳଙ୍କ ସହ ଟିମ୍ ହ୍ୟୁମାନିଟି ସ୍ନେକ ହେଲ୍ପ ଲାଇନ ସଦସ୍ୟ ଓ ସଦସ୍ୟାଙ୍କ ଦ୍ୱାରା ପ୍ରତିଦିନ ବିଭିନ୍ନ ଗ୍ରାମ ତଥା ଶିକ୍ଷାନୁଷ୍ଠାନ ଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି । ଏହା ଦ୍ୱାରା ସାପକାମୁଡା ପ୍ରତି ଲୋକେ ସଚେତନ ହେବେ ଏବଂ ତା'ର ପ୍ରତିକାର ପାଇଁ ଉଚିତ ପଦକ୍ଷେପ ପାଇଁ ଜାଗ୍ରତ ହେଇପାରିବେ । ଭୟରେ ସାପଗୁଡିକୁ ମାରିଦେବା ଭଳି ପରିସ୍ଥିତି ଦୂର କରିବାକୁ ବନ ବିଭାଗର ଏଭଳି ଅଭିନବ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଛାତ୍ର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ

ଜୟପୁର, ୨/୦୭ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ସଭାକକ୍ଷରେ ଛାତ୍ର ଅଭିଭାବକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଯଜ୍ଞେଶ୍ୱର ପଣ୍ଡା, ଭଗବାନ ସାବତ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ଅଭିଭାବକ ମାନଙ୍କର ସହଭାଗିତା, ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ, ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ର ଛାତ୍ରୀମାନଙ୍କ ନିୟମିତ ଉପସ୍ଥାନ, ବିଦ୍ୟାଳୟର ସ୍ୱଚ୍ଛ ପରିବେଶ ତଥା ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିଗତ ପରିଛନ୍ନତା, ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଫଳରେ ଛାତ୍ର ଛାତ୍ରୀଙ୍କ ସଫଳତା, ବିଦ୍ୟାଳୟରେ ଉତ୍କର୍ଷ କାର୍ଯ୍ୟକ୍ରମର କ୍ରିୟାନ୍ୱୟନ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଅଭିଭାବକମାନେ ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ନାହାକ, ପପିତା ପ୍ରଧାନ, ସୁବର୍ଣ୍ଣ କୁମାରୀ ଖିଲ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ନରେଶ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

ସୁବର୍ଣ୍ଣପୁର, ୨/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତାଲିମ କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ବିଶ୍ୱ ରଞ୍ଜନ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ମନୋଜ କୁମାର ଅଦାବର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡଃ. ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ ) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ସଂଯୋଜକ ବିଶ୍ୱମ୍ବର ବେହେରା, ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ । ଅତିଥି ବୃନ୍ଦ ବିଶ୍ୱ ସ୍ତନ୍ୟପାନ ପାଳନର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ଶିଶୁର ସାମଗ୍ରିକ ବିକାଶ ପାଇଁ ଶିଶୁ ଜନ୍ମ ପରେ ପରେ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ ଆରମ୍ଭ କରିବା ସହ ଶିଶୁକୁ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନକୁ ବଳବତ୍ତର ରଖିବା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଡି.ପି.ଏମ. ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଷ୍ଟାଫ ନର୍ସ, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ କାନ୍ସଲଟାଂଟ, ଜିଲ୍ଲାର ବିଭିନ୍ନ ସି.ଏଚ.ସି., ଓ ପି.ଏଚ.ସି. ର ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ କର୍ମକର୍ତା ଓ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ରକ୍ତଦାନ ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ମେଗା ସଚେତନତା ବାଇକ ରାଲି

ସୁବର୍ଣ୍ଣପୁର, ୨/୦୭ (ନି.ପ୍ର): ଆସନ୍ତା ଅଗଷ୍ଟ ମାସ ୪ ତାରିଖ ସୋନପୁର ପୋଲିସ ପକ୍ଷରୁ ଆୟୋଜିତ ହେଉଥିବା ବିଶାଳ ରକ୍ତ ଦାନ ଶିବିର ସକାଶେ ଆଜି ଏକ ମେଗା ସଚେତନତା ରାଲି ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ହିକୁଡି ଫାଣ୍ଡି ସମ୍ମୁଖରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଟାଉନ ଥାନା ଅଧିକାରୀ ପଦ୍ମାଶିନି ମେହେର, ଆର ଆଇ ପ୍ରଦ୍ୟୁମ୍ନ ପଟେଲ ଓ ଫାଣ୍ଡି ଅଧିକାରୀ ଚିତରଞ୍ଜନ ମହାନନ୍ଦିଆ, ଏସ ଆଇ ଏକାଦସିଆ ପଧାନ, ଶ୍ରୀ ନାୟକ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ । ମହାନଦୀ ହିକୁଡି ଫାଣ୍ଡି ଠାରୁ ମା ସୁରେଶ୍ୱରୀ ମନ୍ଦିର ଯାଏ ବିଭିନ୍ନ ସ୍ଲୋଗାନ ଦେଇ ଏକ ସଚେତନତା ବାଇକ ରାଲି କରାଯାଇ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା । ଏବଂ ନୂତନ ରକ୍ତ ଦାତାଙ୍କ ଆଗ୍ରହ ବଢ଼ାଇ ବାକୁ ଯୁବକ ମାନଙ୍କୁ ସହର ବାସୀ ଙ୍କୁ ରକ୍ତ ଦାନ ଓ ପରିବେଶ ପ୍ରତି ମୋଟିଭେସନ କରାଯାଇଥିଲା କ୍ଷ ସ୍ୱଚ୍ଛ ଭାରତ, ଯୋଗାଳୟ, ସୋନପୁର କଲେଜ ଏନ ସି ସି, ଓ ଅନ୍ୟ ଛାତ୍ର ଛାତ୍ରୀ, ଯଶୋଦା ଦେବୀ ନର୍ସିଙ୍ଗ ଛାତ୍ରୀ, ପୁରାତନ ଛାତ୍ର, ଡ୍ରାଇଭର ସଂଘ, ଦେଶ ଫାଲ ମହୋତ୍ସବ କମିଟି, ହିକୁଡି ଯୁବକ ସଂଘ, ରିଜର୍ଭ ପୋଲିସ, ସୋନପୁର ଥାନା ଓ ହିକୁଡି ଫାଣ୍ଡି ପୋଲିସ କର୍ମଚାରୀ ସମେତ ସହରର ବିଭିନ୍ନ ସଂଗଠନର ଶତାଧିକ ସ୍ୱେଛାସେବୀ ବର୍ଷା ବାଧା ସତ୍ୱେ ଏହି ରାଲିରେ ଯୋଗ ଦେଇଥିଲେ । ରକ୍ତ ଦାତା ମନୋଜ ପଣ୍ଡା, ସ୍ୱେଛାସ୍ୱେବୀ ମନୋରଞ୍ଜନ ତ୍ରିପାଠୀ, ପୋଲିସ ଦିନେଶ ମିଶ୍ର ଓ ଯୁବ ସଂଗଠକ ସିକୁନ ଦାଶ ଏ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଭଗବାନପୁର ଗାଁକୁ ଭଗବାନ ସାହା : ଗାଁ ରାସ୍ତା ଅସୁରକ୍ଷିତ, କାଦୁଅ ପଙ୍କରେ ପିଲାଛୁଆ

ଧର୍ମଶାଳା, ୨/୦୭ (ନି.ପ୍ର): ରାଜ୍ୟ ସରକାର ବିକାଶର ନାରା ଦେଉଛନ୍ତି । ଏବଂ ବିକାଶର ପ୍ରଚାର ପ୍ରସାର ଦିଗରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବାସ୍ତବରେ ତାହା କେତେ ସଫଳ ହୋଇଛି ଦେଖିବାକୁ ସମସ୍ତ ଅପେକ୍ଷା । ଯାଜପୁର ଜିଲା ଧର୍ମଶାଳା ବ୍ଲକ ସବୁ ବେଳେ ବିକାଶର ନାରା ଦେଇଆସୁଛି । ଏପରି କି ଅନେକ ସମୟରେ ସମାଲୋଚନାର ମଧ ଶିକାର ହେଉଛି । ଗାଁ ରାସ୍ତାର ବିକାଶ ପାଇଁ ସବୁଠି କଂକ୍ରିଟ୍ । ରାସ୍ତା ଉପରେ କଂକ୍ରିଟ୍ ରାସ୍ତା । ହେଲେ ବିଭାଗୀୟଙ୍କ ଦୂର ଦୃଷ୍ଟି ଅଭାବରୁ ତାହା ଶହଶହ ପରିବାର ଲୋକେ ହଇରାଣ ହତକତ ହେବାକୁ ପଡୁଛି । ତାହା ପୁଣି ଦିନେ ନୁହେଁ କି ଦୁଇ ଦିନ ନୁହେଁ ମାସ ମାସ ଧରି ଗାଁ ରାସ୍ତା ଅସୁରକ୍ଷିତ ହେବା ସହ କାଦୁଅ ପଙ୍କରେ ପିଲାଛୁଆଙ୍କଠାରୁ ଆରମ୍ଭ ବୃଦ୍ଧବୃଦ୍ଧାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋଟପୁର ପଂଚାୟତସ୍ଥ ଭଗବାନପୁର ଗ୍ରାମର ୧୯ ଓ ୨୦ ନଂ ୱାର୍ଡରେ । ଏହି ୨ଟି ୱାର୍ଡରେ ୨ଶହରୁ ଉର୍ଦ୍ଧ ପରିବାରର ୫ଶହ ଜନସାଧାରଣ ରହିଥିବା ବେଳେ ନିଜ ଘର ଆଗରେ ଚାଲିବାକୁ ଅସୁରକ୍ଷିତ ହୋଇପଡିଛି । ଏହି ଗ୍ରାମର ଗୋଟିଏ ମାତ୍ର ହେଉଛି ମୁଖ୍ୟ ରାସ୍ତା । ବହୁ ବର୍ଷ ପୂର୍ବେ ଏଠାରେ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା । ନିର୍ମାଣ ସମୟରେ ର ମ ଠରେ କାମ କରାଯିବା ସହ ରାସ୍ତାରେ ବର୍ଷା ଜଳ ନିଷ୍କାସନ ହେବା ପାଇଁ ସେପରି କିଛି ପଦକ୍ଷେପ ନଆ ନଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ହେଲେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗି ଯିବା ସହ ରାସ୍ତା ଉପରେ ପାଣି ଜମିବା ସହିତ ମାଟି କାଦୁଅରେ ଭର୍ତି ହୋଇ ପଡିଛି । ଦୀର୍ଘ ଦିନ ଧରି ଏହି ରାସ୍ତା ଉପରେ ବର୍ଷା ଜଳ ନିଶ୍କସନ ନ ହୋଇ ଏଠାରେ ଜମି ରହୁଛି । ପାଣି ଜମି ରହିବା ଫଳରେ ଦୁଗନ୍ଧରେ ଲୋକେ ଅତିଷ୍ଠ ହୋଇପଡିଲେଣି । ଏପରିକି ଛୋଟଛୋଟ ପିଲାମାନେ ଶ୍ୱାସ ରୋଗରେ ପଡିବା ସହିତ ଅନେକ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାରେ ଅନେକ ବୃଦ୍ଧବୃଦ୍ଧା ଓ କୁନିକୁନି ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏପରି ଘର ଗୋଡ କାଢିବାକୁ ନେଇ ସୁରକ୍ଷିତ ମଣୁ ନାହାନ୍ତି । ରାତ୍ରୀ ସମୟରେ ଘର ଭିତରେ ଅନେକ ସରିସୃପ ଓ ପୋକ ମାଛି ପଶିବା ନେଇ ଗ୍ରାମବାସୀ ଅନେକ ସମୟରେ ଭୟଭିତ ହେଉଛନ୍ତି । ଫଳରେ ଭଗବାନପୁର ଗାଁକୁ ଭଗବାନ ସାହା ବୋଲି ଗ୍ରାମବାସୀ ନିଜ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଏନେଇ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସ୍ଥାୟୀ ସୁଫଳ ମିଳୁ ନ ଥିବା ବେଳେ ବାଲି ଗଣ୍ଡେ ପକାଇ କାମ ସାରି ଦେଉଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲନେଇ ଏଠାରେ ଡ୍ରେନେଜର ବ୍ୟବସ୍ଥା ଜରୁରୀ ହୋଇପଡିଛି ।

# ୭୭ ତମ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୨/୦୭ (ନି.ପ୍ର): ୭୭ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ବେଦବର ପ୍ରଧାନ, ଉପଜିଲ୍ଲାପାଳ, ଜୟପୁରଙ୍କ ଅଧକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସ୍ୱାଧିନତା ଦିବସ ଆଡମ୍ବରରେ ଜୟପୁର ଦଶହରା ପଡ଼ିଆରେ ପୂର୍ବାହ୍ଣ ୯.୧୫ ମିନିଟ ସମୟରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ମୋହଦୟ ପତାକା ଉତୋଳନ କରିବେ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗରର ଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ ହେବ । ଏଥି ସହ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ଜୟପୁରଙ୍କୁ ଅନୁରୋଧ କରାଗଲା । ବୈଠକର ନିଷ୍ପତି ଅନୁଯାୟୀ ପ୍ରତ୍ୟୁଷ ୫.୦୦ ଘ. ଠାରୁ ୬ ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ଘ. ଠାରୁ ୮.୩୦ ସମୟ ମଧ୍ୟରେ ସମସ୍ତ ସରକରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତୋଳନ କରାଯିବ । ଚଳିତ ବର୍ଷ ୫୨ ଗୋଟି ଟୃପ ଭାଗ ନେବେ । ଘୋଷ ବାଦ୍ୟ ନିମନ୍ତେ ପ୍ରଧାନ ଆଚାର୍ଯ୍ୟ ସରସ୍ୱତି ଶିଶୁ ମନ୍ଦିର, ସାରଦା ବିହାର ଓ ସରସ୍ୱତୀ ମନ୍ଦିର ଔରବିନ୍ଦ ନଗରର ଘୋଷବାଦ୍ୟ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଗଲା । ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜୟପୁର, ଭାରପ୍ରାପ୍ତ ପୋଲିସ ଅଧିକାରୀ, ସଦର ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ଟାଉନ ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ମହିଳା ପୁଲିସ ଅଧିକାରୀଙ୍କୁ ଆଇନ ଶୃଙ୍ଖଳ ରକ୍ଷାର ଦାୟିତ୍ୱ ଦିଆଗଲା । ସମସ୍ତ ଟୃପ, ଉତ୍କଳ ବାଳାଶ୍ରମ ନିବାସର ଅନ୍ତେବାସୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟାଶାୟୀ ରୋଗୀ ଓ ଉପକଖଣ୍ଡ କାରାଗାର ଜୟପୁରର କଏଦୀ ମନଙ୍କୁ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି , ଜୟପୁର, ସଭାପତି ରୋଟାରୀ କ୍ଲବ ଓ ଲାଏନ୍ସ କ୍ଲବ ଓ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀଙ୍କ ପ୍ରଦତରେ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ । ଚଳିତ ବର୍ଷ ଓଡିଆ ପ୍ରବନ୍ଧ ପ୍ରତିଯୋଗିତା , ଓଡିଆ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ଚିତ୍ର କଳା ପ୍ରତିଯୋଗିତା ପ୍ରମୁଖ ପ୍ରତିଯୋଗିତା ହେବ । ସମସ୍ତ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ଠାରେ ଆୟୋଜିତ ହେବ । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ତା. ୧୫.୦୮.୨୦୨୩ ରିଖ ଦିନ ମୁଖ୍ୟ ମଞ୍ଚରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ । ଚଳିତ ବର୍ଷ ୨ ଜଣ ଆଦର୍ଶ ପୋଲିସ୍ ଅଧିକାରୀଙ୍କୁ, ଉପଖଣ୍ଡ ସ୍ତରରେ ୨୦୨୧-୨୨ ଓଡିଶା ପ୍ରସାନିକ ସେବାରେ ସଫଳତା ପାଇଥିବା ପ୍ରାର୍ଥୀ ଓ ସାଇକେଲ ଦ୍ୱାରା ଭାରତ ଭ୍ରମଣ କରି ଥିବା ଘାସି ପଣ୍ଡାଙ୍କୁ ମାନ ପତ୍ର ପ୍ରଦାନ ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଗଲା । ପ୍ରାଥମିକ ଚିକିତ୍ସା ନିମନ୍ତେ ଅଧିକ୍ଷକ ଜିଲ୍ଲା ଚିକିତ୍ସାଳୟ, କୋରାପୁଟ ଜୟପୁରଙ୍କୁ ୧୨.୦୮.୨୦୨୩, ୧୩.୦୮.୨୦୨୩ ଓ ୧୫.୦୮.୨୦୨୩ରିଖ ଦିନ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ପାନୀୟ ଜଳ ଯୋଗାଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୀ.ଏଚ୍. ଡ଼ି, ଜୟପୁର, ମଂଚ ସାଜସଜା ନିମନ୍ତେ ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ, ଜୟପୁର, ମୁଖ୍ୟ ଅତିଥି, ନିମନ୍ତ୍ରିତ ଅତିଥି ଓ ସାମ୍ବାଦିକ ମାନଙ୍କ ବସିବା ବ୍ୟବସ୍ଥା ଓ ଷ୍ଟାଡିୟମରେ ଟୃପ ବେରିକେଡ଼ିଂ କରିବା ଦାୟିତ୍ୱ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ(ରାସ୍ତା ଓ ଗୃହ ନିର୍ମାଣ)ଙ୍କୁ ଦିଆଗଲା । ଏହି ବୈଠକରେ ମଂଚାସୀନ ଭାରପ୍ରାପ୍ତ ପୋଲିସ ଅଧିକାରୀ, ଟାଉନ ଥାନା ଜୟପୁର, ଶ୍ରୀ ସମ୍ବିତ ବେହେରା, ଭାରପ୍ରାପ୍ତ ପୋଲିସ ଅଧିକାରୀ, ସଦର ପୁଲିସ, ଶ୍ରୀ ଈଶ୍ୱର ତାଣ୍ଡି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ନାୟକ ଓ ଅନ୍ୟାନ୍ୟ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ପାନୀୟ ଜଳ ଯୋଗାଣ, ଅଗ୍ନିଶମ ଅଧିକାରୀ ଜୟପୁର, ଅଧିକାରୀ ଡ. ଲକ୍ଷ୍ମଣ ପାତ୍ର, ଉପଖଣ୍ଡ କ୍ରିଡା ସାଂସଦ ରବି ନାୟକ, ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଧାନ ଆଚାର୍ଯ୍ୟ, ଶିଶୁ ମନ୍ଦିର, ଶ୍ରୀ ଜଜ୍ଞେସ୍ୱର ପଣ୍ଡା, ଶ୍ରୀ ନିରଞ୍ଜନ ପାଣିଗ୍ରାହୀ, କିରାଣୀ-ତଥା-ଗ୍ରନ୍ଥାକାରକ, ଶ୍ରୀ ସନ୍ତୋଷ କୁମାର ସାହୁ, ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ବିଭିନ୍ନ କଲେଜର ଅଧକ୍ଷ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଓ ସମସ୍ତ ଗଣମାଧମର କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଥିଲେ । ଏହି ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମନୋଜ ନାୟକ ଜୟପୁର ସମସ୍ତଙ୍କୁ ଧାନ୍ୟବାଦ ଅର୍ପଣ କରି ଥିଲେ ।

# ସୁସ୍ଥ କେଶର ରହସ୍ୟ



କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ହୋଇଗଲାଣି । ୩୦ ଟପିବା ଆଗରୁ ଅନେକଙ୍କ ମୁଣ୍ଡରୁ କେଶ ଝଡ଼ିଲାଣି ତ କେହି କେହି ଚନ୍ଦା ହେବାକୁ ମଧ୍ୟ ବସିଲେଣି । କେଶ ଝଡିବା ଦେଖି ଘରେ ବାପାମା'ଙ୍କ ଚିନ୍ତା ବଢ଼ିଲାଣି । ପ୍ରାୟ ଏକ ଦଶନ୍ଧି ପୂର୍ବେ ୪୦ରୁ ୫୦ ବର୍ଷ ବୟସ ମଧ୍ୟରେ କେଶ



ଝଡିବା ଆରମ୍ଭ ହେଉଥିବା ବେଳେ ଏବେ ୧୦ରୁ ୩୦ ବର୍ଷ ମଧ୍ୟରେ କେଶ ଝଡ଼ିବା ଆରମ୍ଭ ହୋଇ ଯାଉଛି । ଜୀବନ ଶୈଳୀରେ ପରିବର୍ତ୍ତନ, ଖାଦ୍ୟପାନୀୟ ଓ ପୋଷକତତ୍ତ୍ୱର ଅଭାବ କାରଣରୁ ଏହି ସମସ୍ୟା ସବୁ ଦେଖା ଦେଉଛି । ପ୍ରକୃତ ସଂଖ୍ୟା ଆମ ପାଖରେ ଉପଲବ୍ଧ ନଥିଲେ ମଧ୍ୟ ମହାନଗର ଓ ସହରରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ପୂର୍ବେ ବୟସ୍କମାନେ କେଶ ଝଡିବା ନେଇ କହୁଥିବା ବେଳେ ଏବେ ସ୍କୁଲ କଲେଜର ପିଲାମାନେ ଏହି ଅଭିଯୋଗ ଆଣୁଛନ୍ତି । ଡାକ୍ତରଙ୍କ ମତରେ ଏଥିପାଇଁ ଆମେ ହିଁ ଦାୟୀ । ଆମ ଜୀବନ ଶୈଳୀ, ଖାଦ୍ୟ ପାନୀୟ, ଭିଟାମିନର ଅଭାବ, ବ୍ୟାୟାମ ନ କରିବା ଏବଂ ଖୁବ୍ କମ ବୟସରୁ ଧୂମପାନ ଓ ମଦ୍ୟପାନ କରିବା ଫଳରେ କେଶ ସମସ୍ୟା ଆରମ୍ଭ ହୋଇଥାଏ । ଏହା ସହିତ ଅନିଦ୍ରା, ଚିନ୍ତା, ଚାପ, ହରମୋନ ଏବଂ ନୀତିନିୟମ ବିହୀନ ଖାଦ୍ୟ ଏହାର ପ୍ରାଥମିକ କାରଣ ।


ସାଧାରଣତଃ, ନିୟମିତ ୫୦ ରୁ ୧୦୦ କେଶ ଝଡିଥାଏ । ଶରୀର ଅସୁସ୍ଥ ରହିଲେ ମଧ୍ୟ ଏହି ସମସ୍ୟା ଦେଖା ଦେଇଥାଏ । କେଶ ଝଡିବା ଓ ଚନ୍ଦାପଣ ହଠାତ୍ ଆରମ୍ଭ ହୋଇନଥାଏ, ଆମ ଜୀବନ ଶୈଳୀ ଯେମିତି ଧୀରେ ଧୀରେ ପରିବର୍ତ୍ତନ ହୋଇଥାଏ ଠିକ୍ ସେହିପରି କେଶ ଝଡିବା ବୃଦ୍ଧି ପାଇଥାଏ । ନିୟମିତ ବ୍ୟାୟାମ, ଯୋଗ, ମେଡିଟେସନ, ଉପଯୁକ୍ତ ଆହାର ଓ କେଶର ଯତ୍ନ ନେଲେ ଏହି ସମସ୍ୟା ବହୁ ପରିମାଣରେ ହ୍ରାସ ପାଇବ ।

କେଶ ସମସ୍ୟାର ଉପଚାର- **ବ୍ୟାୟାମ:** ଶାରୀରିକ ପରିଶ୍ରମ କମ୍ ହେଲେ କେଶ ଝଡିବା ଆରମ୍ଭ ହୋଇଥାଏ । ବ୍ୟାୟାମ କିମ୍ବା ଶାରୀରିକ ପରିଶ୍ରମ ନ କରିବା ଫଳରେ ରକ୍ତ ସଂଚାର ହ୍ରାସ ପାଇଥାଏ ଏବଂ କେଶ ଯେଉଁଠାରୁ ବାହାରିଥାଏ ଏବଂ କେଶ ଯେଉଁଠାରୁ ବାହାରିଥାଏ ସେଠାକୁ ପୋଷକତତ୍ତ୍ୱ ମିଳେନାହିଁ, ଫଳରେ କେଶ ଝଡ଼େ । ଠିକ ଭାବେ ରକ୍ତ ସଂଚାଳନ ନ ହେବା ଫଳରେ ପର୍ଯ୍ୟାପ୍ତ ରକ୍ତ ମୁଣ୍ଡର ଉପରଭାଗକୁ ଯାଇନଥାଏ ଏବଂ କେଶର ମୂଳ ଦୁର୍ବଳ ହୋଇଯାଏ । ଏହାପରେ କେଶ ଝଡ଼ିବା ଆରମ୍ଭ କରେ । କେଶ ଝଡିବା ବନ୍ଦ କରିବା ଲାଗି ପ୍ରତିଦିନ ଅତି କମ୍‌ରେ ୪୫ ମିନିଟ ବ୍ୟାୟାମ କରନ୍ତୁ ।

**ଜଳ:** କେଶ ଝଡ଼ିବା ହ୍ରାସ କରିବା ଲାଗି ଜଳ ଖୁବ୍ ଲାଭଦାୟକ । ସାଧାରଣତଃ ଶୋଷ ଲାଗି ହିଁ ଲୋକମାନେ ଜଳ ଗ୍ରହଣ କରିଥାନ୍ତି । କିନ୍ତୁ ଶରୀରର ଆବଶ୍ୟକତା ଅନୁସାରେ ଜଳ ସେବନ କରିବା ଶରୀର ଓ କେଶ ଲାଗି ଲାଭଦାୟକ ।

**ଭିଟାମିନ ଡି:** କେଶକୁ ଭିଟାମିନ 'ଡି'ର ଆବଶ୍ୟକ ହୋଇଥାଏ । ଏଥିପାଇଁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ପ୍ରକୃତରେ ଭିଟାମିନ୍ ଡି କେଶକୁ ବୃଦ୍ଧି କରିଥାଏ । ସୂର୍ଯ୍ୟ କିରଣରେ ମାତ୍ର ୧୫ ମିନିଟ ଠିଆ ହେଲେ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ ଡି ଶରୀରକୁ ମିଳିଥାଏ ।

**ଆହାର:** ଯୁବପିଢ଼ି ଓ ସହରାଂଚଳର ଲୋକମାନେ ସୁସ୍ଥ ଖାଦ୍ୟ ତୁଳନାରେ ସ୍ୱାଦିଷ୍ଟ ଖାଦ୍ୟ ଉପରେ ଅଧିକ ଧ୍ୟାନ ଦେଇଥାନ୍ତି । ଜଙ୍କ ଫୁଡ, ପ୍ୟାକ୍‌ଡ ଖାଦ୍ୟ, ତେଲଯୁକ୍ତ ଖାଦ୍ୟରେ ପୋଷକତତ୍ତ୍ୱର ଅଭାବ ରହିଥାଏ । ଏପରି ଖାଦ୍ୟ ଭୋକ ମେଂଟାଇଥାଏ, କିନ୍ତୁ ଶରୀରକୁ ଆବଶ୍ୟକତା ଅନୁସାରେ ପ୍ରୋଟିନ ଓ ଭିଟାମିନ ଯୋଗାଇପାରେ ନାହିଁ ।



**ଚିନ୍ତା ଓ ଚାପ:** ଚିନ୍ତା ଓ ଚାପ କେଶ ଝଡିବା ଲାଗି ପ୍ରମୁଖ ଭାବେ ଦାୟୀ । ଅବସାଦ କାରଣରୁ ଶରୀର ଅନେକ ରୋଗକୁ ନିମନ୍ତ୍ରଣ କରିଥାଏ । ଚାପ ଓ ଚିନ୍ତାରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତି ପାଇବା ଅସମ୍ଭବ, ତେଣୁ ଯଥା ସମ୍ଭବ ଏହାକୁ କମ୍ କରିବାକୁ ପ୍ରୟାସ କରନ୍ତୁ ।

**ଧୂମପାନ ଓ ମଦ୍ୟପାନ:** ଧୂମପାନ ଓ ମଦ୍ୟପାନ କରିବା ଦ୍ୱାରା ଶରୀରରେ ଅଥେରୋସେଲେରୋସିସ ବିକଶିତ ହୋଇଥାଏ । ଏହାଦ୍ୱାରା ରକ୍ତ ସଂଚାଳନ ବାଧାପ୍ରାପ୍ତ ହୁଏ । ଏହା ସହିତ ଆପଣ ଯେତେ ସୁସ୍ଥ ଆହାର ସେବନ କରିଲେ ମଧ୍ୟ ଏହାର ପୋଷକତତ୍ତ୍ୱ ଶରୀରର ସବୁ ସ୍ଥାନକୁ ଯାଇପାରିନଥାଏ ।

**ରାସାୟନିକ:** ବଜାରରେ ଉପଲବ୍ଧ ତେଲ, ସାମ୍ପୋ, କଣ୍ଡିସନର ଏବଂ ଅନ୍ୟାନ୍ୟ ଜିନିଷକୁ ବ୍ୟବହାର କରିଥାନ୍ତି । ବିଜ୍ଞାପନ ଦେଖି ଏହାର ବ୍ୟବହାର କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶ ନେଇ ଏହାର ବ୍ୟବହାର କରିବା ଉଚିତ୍ ।

**କେଶ ନିମନ୍ତେ ଖାଦ୍ୟ:** ଘନଝ ଓ ସୁନ୍ଦର କେଶ ଲାଗି ଉପଯୁକ୍ତ ଖାଦ୍ୟ ନିହାତି ଆବଶ୍ୟକ । ଦୁର୍ବଳ କେଶ ଯେ ଖୁବ୍‌ଶୀଘ୍ର ଝଡିଯାଏ ତା ନୁହେଁ, ଏହା ଦ୍ୱାରା କେଶର



ଚମକ ହ୍ରାସ ପାଇଥାଏ । ଏପରି କ୍ଷେତ୍ରରେ କିଛି ଖାଦ୍ୟ ଗ୍ରହଣ କରି ଆପଣ ସୁଦୃଢ଼ ଓ ସୁନ୍ଦର କେଶ ସହଜରେ ପାଇ ପାରିବେ । ବଜାରରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର ତେଲ ଆପଣଙ୍କ କେଶର ସୌର୍ନ୍ଦ୍ୟ ବୃଦ୍ଧି କରିପାରିବ ନାହିଁ, ସେଥିପାଇଁ ଉପଯୁକ୍ତ ଆହାର ଆବଶ୍ୟକ । ଶକ୍ତ କେଶ ଓ ଚର୍ମ ପାଇଁ ଶରୀରକୁ ଆବଶ୍ୟକ ହୋଇଥାଏ ଭିଟାମିନ ଓ ମିନେରାଲ । ଦରକାର ଭିଟାମିନ ଏ, ସି, ବି ପ୍ରୋଟିନ, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଜିଙ୍କ । ତେବେ ସେ ଖାଦ୍ୟ ସମ୍ପର୍କରେ କିଛି ଜାଣନ୍ତୁ....

**ଗାଜର:** ଗାଜର କେବଳ ଆଖି ପାଇଁ ନୁହେଁ କେଶ ଲାଗି ଏକ ଉପଯୁକ୍ତ ଆହାର । ଗାଜରରେ ଥିବା ଭିଟାମିନ 'ଏ' ମୁଣ୍ଡର ଚର୍ମକୁ ପୋଷକତତ୍ତ୍ୱ ପ୍ରଦାନ କରିଥାଏ । ଏହା କେଶର କଣ୍ଡିସନିଙ୍ଗ ମଧ୍ୟ କରିଥାଏ । ଏହା ସହିତ ଖାଦ୍ୟରେ ସନ୍ତୁଳିତ ପ୍ରୋଟିନ, ଫଳ, ପନିପରିବା ଏବଂ ମାଛକୁ ସାମିଲ କରନ୍ତୁ ।

**ଶୁଷ୍କ ଫ୍ଲମ ଫଳ:** ଯଦି ଆପଣଙ୍କ କେଶ ଶୁଷ୍କ ଓ ଦୁର୍ବଳ ତେବେ ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ । ଏଥିପାଇଁ ଖାଦ୍ୟରେ ଶୁଷ୍କ ଫ୍ଲମ ଫଳ ଓ ସବୁଜ ପନିପରିବାକୁ ସାମିଲ କରନ୍ତୁ ।

**ଅଖରୋଟ:** ଓଟସ୍ ଓ ଅଖରୋଟ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ । ଅଖରୋଟରେ ଓମେଗା ୬ ଫ୍ୟାଟି ଏସିଡ ସହିତ ଜିଙ୍କ, ଆଇରନ, ଭିଟାମିନ ବି୧ ବି୬ ଏବଂ ବି ୯ ରହିଛି । ଏଥିରେ ପ୍ରୋଟିନ ମଧ୍ୟ ରହିଛି ଯାହା କେଶକୁ ଶକ୍ତ କରିଥାଏ ।

**ଅଣ୍ଡା:** ପ୍ରୋଟିନ୍, ଭିଟାମିନ ବି ୧୨, ଆଇରନ, ଜିଙ୍କ ଏବଂ ଓମେଗା ୬ଫ୍ୟାଟି ଏସିଡ ଯୁକ୍ତ ଅଣ୍ଡା କେଶ ଲାଗି ଏକ ଉତ୍ତମ ଆହାର । ନିୟମିତ ଅଣ୍ଡା ଖାଇବା ଫଳରେ କେଶ ଝଡିବା ହ୍ରାସ ପାଇଥାଏ ।

**ମାଛ:** ମାଛରେ ପର୍ଯ୍ୟାପ୍ତ ପରିମାଣରେ ଓମେଗା ୩ ଫ୍ୟାଟି ଏସିଡ୍, ଭିଟାମିନ୍ ବି ୧୨ ଏବଂ ଆଇରନ ରହିଛି । ଏହାର ମିଶ୍ର ଫଳରେ କେଶରେ ଚମକ ଆସିଥାଏ । ଏହା ସହିତ କେଶ ଝଡିବା ଏବଂ ଭାଙ୍ଗିବା ହ୍ରାସ ପାଇଥାଏ ।

**କନ୍ଦମୂଳ:** ଏହା କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ ଏଥିରେ ଥିବା ଆଂଟିଅକ୍ସିଡାଂଟଣ୍ଟ ଏବଂ ଭିଟାମିନ ଏ ମୁଣ୍ଡର ଚର୍ମକୁ ଆବଶ୍ୟକ ତୈଳ ଯୋଗାଇଥାଏ ଯାହା ଫଳରେ କେଶର ମୂଳ ଶକ୍ତ ହୋଇଥାଏ ।

# ବିଯୁକ୍ତ ୫୦ ଡିଗ୍ରୀରେ ରହୁଥିବା ଜନଜାତି



ପୁରା ବ୍ରହ୍ମାଣ୍ଡ ଏକ ଭିନ୍ନ ସଂରଚନାରେ ହିଁ ନିର୍ମିତ । ଏହାର କେଉଁ ସ୍ଥାନରେ ତାପମାତ୍ରା ୫୦ ଡିଗ୍ରୀ ହୋଇଥିବା ବେଳେ ଅନ୍ୟ କେଉଁଠାରେ ବିଯୁକ୍ତ ୫୦ ଡିଗ୍ରୀରେ ମଧ୍ୟ ଜନଜାତି ରହୁଛନ୍ତି । ଏହିଭଳି ଏକ ଜନଜାତି ହେଉଛନ୍ତି ସାଇବେରିଆ ନିବାସୀ ନେଟେସ ଜନଜାତି । ଭୂଗୋଳବିତଙ୍କ କହିବାନୁସାରେ ଏହି ଜନଜାତି ୧ହଜାର ବର୍ଷରୁ ଅଧିକ ସମୟ ହେଲାଣି ସାଇବେରିଆରେ ରହୁଛନ୍ତି । ପିଢ଼ି ପରେ ପିଢ଼ି ଏମାନେ ଏଠାରେ ରହିଥାନ୍ତି । ସାଧାଣର ବର୍ଗର ଲୋକେ ଏହି ଅଂଚଳରେ ରହିବା ସମ୍ପୂର୍ଣ୍ଣ ଅସମ୍ଭବ । କାରଣ ଏଭଳି ଥଣ୍ଡା ସେମାନେ ସହ୍ୟ କରିପାରିବେ ନାହିଁ । ନେନେଟସ ଜନଜାତିର ଲୋକେ ବାରାହା, ହରିଣ ଛାଲରେ ନିଜ ଅସ୍ଥାୟୀ ଘର ନିର୍ମାଣ କରୁଥିବାବେଳେ ଏହି ଛାଲକୁ ପୋଷାକ ଭଳି ବ୍ୟବହାର କରିଥାନ୍ତି । ଏହା ସହ ସେମାନଙ୍କ ଦୈନନ୍ଦିନ ଖାଦ୍ୟପେୟ ହେଉଛି ହରିଣର କଂଚା ମାଂସ । ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଜନଜାତି ନିଜ ରହିବା ସ୍ଥାନ ପରିବର୍ତ୍ତନ କରିଥାନ୍ତି । ବର୍ତ୍ତମାନ ଏହି ଜନଜାତିର ଲୋକସଂଖ୍ୟା ୧୦ହଜାର ହୋଇଥିବା ବେଳେ ବାରାହା ପ୍ରଜାତିର ହରିଣ ଏମାନେ ୩ଲକ୍ଷସଂଖ୍ୟାରେ ପାଳନ କରୁଛନ୍ତି ।





## ଅଁଳା ରସର ଉପକାରିତା

ବିଶେଷଜ୍ଞଙ୍କ କହିବାନୁସାରେ କମଳା ତୁଳନାରେ ଅଁଳା ରସରେ ୨୦ଗୁଣ ଅଧିକ ଭିଟାମିନ-ସି ରହିଛି । ଏହାକୁ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ନିୟମିତ ଭାବରେ ଅଁଳା ରସ ପିଇଲେ ଶରୀରର କୋଲେଷ୍ଟୋରଲ ନିୟନ୍ତ୍ରଣ ହେବା ସହିତ ରକ୍ତଚାପ କମ୍ ରହେ । ହୃଦରୋଗ ହେବାର ଆଶଙ୍କା କମ୍ ହୁଏ ବୋଲି ମଧ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଦୈନିକ ରାତିରେ ୨ ଚାମଚ ଅଁଳା ରସ ପିଇଲେ ହଜମ ଭଲଭାବରେ ହୁଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି । ମଧୁମେହ ରୋଗୀ ପ୍ରତ୍ୟହ ଅଁଳା ରସରେ ଅଧ ଚାମଚ ମହୁ ଓ ଚିମୁଟାଏ ହଳଦୀ ଗୁଣ୍ଡ ମିଶାଇ ପିଇବା ଦ୍ୱାରା ସେମାନଙ୍କ ମଧୁମେହ ନିୟନ୍ତ୍ରିତ ହୋଇଥାଏ । ଅଁଳାରେ ଥିବା ଲୌହ କାରଣରୁ ଏହା ଆନେମିୟା ରୋଗରୁ ରକ୍ଷା କରେ । ଦୈନିକ ଦିନକୁ ୩ଥର ଅଁଳା ରସ ୧ଚାମଚ ମହୁ ମିଶାଇ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିବା ସହ ବ୍ରଣ ହୋଇନଥାଏ ।



## ଅତିରିକ୍ତ ଡିଓଡ୍ରାଂଟ

ଏହି କିଛିବର୍ଷ ହେବ ଲୋକମାନଙ୍କ ଠାରେ ପରଫ୍ୟୁମ ଓ ଡିଓ ଅତ୍ୟାଧିକ ପରିମାଣରେ ବ୍ୟବହାର ହେଉଥିବାର ଦେଖିବାକୁ ମିଳିଛି । ଏବେ ଟେଲିଭିଜନ ଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ବିଜ୍ଞାପନରେଏହି ଡିଓଡାଣ୍ଟକୁ ବେଶ ଭଲଭାବରେ ପ୍ରମୋସନ କରାଯାଉଛି । ବଜାରରେ ଏହି ଡିଓଡ୍ରାଣ୍ଟର ଚାହିଦା ଅଧିକ ରହିଥିବାରୁ ଭିନ୍ନ ଭିନ୍ନ କମ୍ପାନୀ ଏବେ ଏହାର ଉତ୍ପାଦନ ଏବଂ ସପ୍ଲାଏ ବଢ଼ାଇଦେଇଛନ୍ତି । ସପ୍ଲାଏ ବଢ଼ିବା ସାଙ୍ଗକୁଏହାକୁ ରେଟମଧ୍ୟ ବଜାରରେ ବଢ଼ିବାକୁ ଲାଗିଛି । କସମେଟିକ ଇନଗ୍ରୀଡିଏଣ୍ଟ ରିଭ୍ୟୁରୁ ପ୍ରମାଣିତ ହୋଇଛି ଯେ ଏହି ଡିଓଡ୍ରାଂଟଣ୍ଟମାନଙ୍କରେ ଏଣ୍ଡୋକ୍ରିନ ଡିସରୁପଟଭ କେମିକାଲ ଓ ସିନଥେଟିକ କେମିକାଲ ଭଳି ଆଉକେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମିଶି ରହିଥାଏ ଏବଂ ଏହା ହିଁ କର୍କଟ ଓ ଚର୍ମରୋଗ ଆଦିର କାରଣ ହୋଇଥାଏ । ଯେଉଁମାନେ ନିୟମିତ ଭାବେ ପରଫ୍ୟୁମ ବା ଡିଓ ବ୍ୟବହାର କରୁଛନ୍ତି ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ ।

## ଚାଉଳ ଆକୃତିର ଚିପ୍

ବର୍ତ୍ତମାନ ସମୟରେ ମନୁଷ୍ୟ ବିଜ୍ଞାନ କ୍ଷେତ୍ରରେ ଯେତିକି ଅଗ୍ରଗତି କରୁଛି ତା' ସହିତ ନୂଆ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରିବାରେ ପାରଦର୍ଶିତା ଦେଖାଉଛି । ନିକଟରେ ଆମେରିକାର ପ୍ରଦ୍ୟୋଗୀ କମ୍ପାନୀ ଥ୍ରୀ ସ୍କେୱର ମାର୍କେଟ ତା'ର କର୍ମଚାରଙ୍କ ପାଇଁ ଏକ ଆଇଏଫଆଇଡି ଚିପ ଲଗାଇବାର ବିକଳ୍ପ ଦେଉଛି । ଏହାର ପ୍ରୟୋଗ ଅନେକ ଦରକାରୀ କାର୍ଯ୍ୟରେ କରାଯାଇ ପାରିବ । ଚାଉଳ ଭଳି ଦେଖାଯାଉଥିବା ଏହ ଚିପ ବ୍ୟକ୍ତିର ପକେଟ କିମ୍ବା ପର୍ସରେ ନୁହେଁ ବରଂ ହାତ ପାପୁଲିବା ଆଙ୍ଗୁଠି ସନ୍ଧିରେ କିଛି ସେକେଣ୍ଡ ମଧ୍ୟରେ ପ୍ରତ୍ୟାରୋପିତ ହୋଇଯିବ । ଏହି ଚିପର ବିଶେଷତ୍ୱ ହେଉଛି କର୍ମଚାରୀମାନେ ଅଫିସ ଭିତରକୁ ଯିବା, କମ୍ପ୍ୟୁଟର ଲଗ୍ ଇନ୍ କରିବା, ଫୋନ୍‌କୁ ଅନ୍‌ଲକ କରିବା, ବିଜନେସ କାର୍ଡ଼ ଆଦାନପ୍ରଦାନ, ଚିକିତ୍ସା ସମ୍ବନ୍ଧୀୟ ସୂଚନା ସଂଗୃହୀତ କରିବା ଓ ଫଟୋ କପି ମେସିନର ପ୍ରୟୋଗ ଆଦି କାମରେ ଏହା ସାହାଯ୍ୟ କରିବ । ଏହି ଚିପକୁ ପ୍ରସ୍ତୁତ କରିବା ପାଇଁ ନିୟର ଫିଲ୍ଡ କମ୍ୟୁନିକେସନ ନାମକ ଏକ ଟେକ୍ନିକ ବ୍ୟବହାର କରାଯାଇଛି । ଏହି ଟେକ୍ନିକ ଉପଯୋଗରେ କ୍ରେଡିଟ କାର୍ଡ଼ ଓ ମୋବାଇଲ ବ୍ୟାଙ୍କିଂ ଦ୍ୱାରା ଟଙ୍କା ମଧ୍ୟ ପିଇଠ କରାଯାଇ ପାରିବ ।

## ବହୁ ମୂଲ୍ୟରେ ବିକ୍ରି ହେଉଛି ଭାରତୀୟ ମୁଦ୍ରା

ଅନେକ ସମୟରେ କେତେକ ଜିନିଷକୁ ପୁରୁଣା ଭାବି ଆମେ ଫିଙ୍ଗି ଦେଇଥାଉ । ହେଲେ ଏସବୁ ଜିନିଷ ସମୟେ ସମୟେ ବହୁକାମରେ ଆସିଥାଏ । ବିଶେଷ କରି ଭାରତୀୟ ପୁରୁଣା ମୁଦ୍ରାର ଆଦର ବିଶ୍ୱସ୍ତରରେ ରହିଛି । ୨୦୧୬ରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ସମୟରେ ବ୍ୟବହୃତ ହେଉଥିବା ଏକ ମୁଦ୍ରାକୁ ଲଣ୍ଡନର ଜନୈକ ଶିଳ୍ପପତି ୧୫୫ କୋଟି ଟଙ୍କାରେ କିଣିଥିଲେ । ସେହିପରି ୧୯୩୯ ସମୟରେ ଏକ ରୂପା ମୁଦ୍ରାକୁ ଅଷ୍ଟ୍ରେଲିଆର ଜଣେ ତାରକା ୧୮ ଲକ୍ଷ ଟଙ୍କାରେ କିଣିଥିବାର ପ୍ରକାଶ । ମୋଗଲ ସମ୍ରାଟ ଆକବରଙ୍କ ଶାସନ ସମୟରେ ଦୁଇଟି ୨ଗ୍ରାମ ଓଜନପର ସୁନା ମୁଦ୍ରା ମଧ୍ୟ ୪କୋଟି ଟଙ୍କାରେ ବିଶ୍ୱ ବଜାରରେ ନିଲାମ ହୋଇଥିଲା ।



## ସବୁଠୁ ବଡ଼ ସାଣ୍ଡୱିଚ୍

ତଥ୍ୟ ଅନୁସାରେ ବିଶ୍ୱର ସବୁଠୁ ସୁଆଦିଆ ସାଣ୍ଡୱିଚ୍ ମେକ୍ସିକୋରେ ମିଳିଥାଏ । ବିଭିନ୍ନ ସ୍ୱାଦ ଆକାରରେ ଗ୍ରାହକଙ୍କୁ ସନ୍ତୁଷ୍ଟ କରିଥାଏ ଏଠାକାର ସାଣ୍ଡୱିଚ୍ । ଜୁଲାଇ ୨୬ରେ ମେକ୍ସିକୋରେ ବିଶ୍ୱର ସବୁଠୁ ବଡ଼ ସାଣ୍ଡୱିଚ୍ ପ୍ରସ୍ତୁତ କରାଯାଇଛି । ୪୫ଟି ରେଷ୍ଟୋରାଁର ରୋଷେୟା ମିଳିତ ଭାବେ ୯ ଘଣ୍ଟାରେ ପ୍ରସ୍ତୁତ କରିଥିଲେ । ୪୦୦ କିଲୋ ଚିକେନ, ୨୦୦ କିଲୋ ବିନ୍ସ, ୨୦୦ କିଲୋ ପିଆଜ, ୧୦୦ କିଲୋ ଟମାଟୋ, ୨୫ କିଲୋ ଲଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଏଥିରେ ବ୍ୟବହୃତ ହୋଇଥିଲା । ୬୭ ମିଟର ଲମ୍ବା ଓ ୮୨୦ କିଲୋ ଓଜନ ବିଶିଷ୍ଟ ଏହି ସାଣ୍ଡିଜ କେବଳ ରେକର୍ଡ଼ ପାଇଁ ପ୍ରସ୍ତୁତ ହୋଇଥିଲା । ହେଲେ ଗିନିଜ୍ ଦଳ ଏହି ରେକର୍ଡ଼କୁ ସବୁଜ ସଙ୍କେତ ଦେଇନାହାନ୍ତି ଜାତୀୟ ସ୍ତରରେ ଏହାକୁ ବିଶ୍ୱର ସବୁଠୁ ବଡ଼ ସାଣ୍ଡୱିଜ କୁହାଯାଇଛି । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ବାଣ୍ଟି ଯାଇଥିଲା । ମେକ୍ସିକୋ ଭାଷାରେ ସାଣ୍ଡୱିଜକୁ ଟୋଟା କୁହାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକ ଅନିସନ୍ଧିତ୍ସୁ ପୁସ୍ତକ...

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ ନେହରୁଙ୍କ ପୁସ୍ତକ 'ଡିସ୍କଭରୀ ଅଫ୍ ଇଣ୍ଡିଆ' (ଭାରତ ଆବିଷ୍କାର) ସମ୍ପର୍କରେ ଊଣା ଅଧିକେ ସମସ୍ତେ ଜାଣନ୍ତି । ଭାରତ କିପରି ଏକ ମହାନ ରାଷ୍ଟ୍ର, ତାକୁ ପ୍ରତିପାଦିତ କରିବା ପାଇଁ ଏହାର ମହାନତା ବା ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥାଏ ଏ ପୁସ୍ତକ। ଏକ ଅନିସନ୍ଧିତ୍ସୁ ମନ ନେଇ କୌଣସି ଜିନିଷକୁ ଦେଖିବା ହିଁ ଏହାକୁ ଆବିଷ୍କାର କରି ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ସହାୟକ ହୋଇଥାଏ- ଏକଥା ଭାରତ ଆବିଷ୍କାର ପ୍ରମାଣିତ କରିଛି । ଆଉ ସାମ୍ପ୍ରତିକ ସମୟରେ ପୁଣିଥରେ ସମ୍ଭବତଃ ଇତିହାସ କଡ଼ ଲେଉଟେଇଛି । ଷାଠିଏ ଦଶକର ମଧ୍ୟଭାଗରୁ ଭାରତରେ କୌଣସି ନେତା ଆମ ଦେଶର ନାଗରିକମାନଙ୍କ କଳ୍ପନାକୁ ସେଭଳି ଏକ ଢଙ୍ଗରେ ଧରି ରଖିପାରି ନାହାନ୍ତି, ଯେଉଁଭଳି ରଖୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅତି ଗଭୀର ଭାବରେ, ଏମିତିକି ନିଜର ଦଳୀୟ ସମର୍ଥନ ବିନା ବା ତାଙ୍କର ଶାସନ ପାଇଁ ପ୍ରସଙ୍ଗଗୁଡ଼ିକର ବିନା ଅନୁମୋଦନରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଦୃଷ୍ଟିକୋଣ ପାଇଁ, ଭାରତକୁ ଏକ ଧାରଣା, ଏକ ନିରନ୍ତରତା ଭାବରେ ତାଙ୍କର ଅନ୍ତର୍ଜାତ ବୁଝାମଣା ପାଇଁ ଏବଂ ବିକାଶ, ରୂପାନ୍ତରଣ, କଲ୍ୟାଣ ଓ ପରିବର୍ତ୍ତନର କାର୍ଯ୍ୟକ୍ରମଗୁଡ଼ିକ ସହିତ ସଂଶ୍ଳିଷ୍ଟ ଗଣ ଆନ୍ଦୋଳନରେ ତାଙ୍କର ବିଶ୍ୱାସ ନିମନ୍ତେ ଲୋକମାନଙ୍କ ସହିତ ସଂଯୁକ୍ତ ହେବାକୁ ଏକ ସେତୁବନ୍ଧ ସୃଷ୍ଟି କରିଛନ୍ତି। ଏକ ନେତା ଏବଂ ଲୋକମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କର ଏହା ହେଉଛି ଏକ ବିରାଟକାୟ ବିଘଟନ । ଏହି ବିଘଟନ ହେଉଛି ଠିକ୍ ସେହି ଅଦ୍ୱିତୀୟ ପ୍ରକାରର, ଯାହା ଭାରତରେ ସ୍ୱାଧୀନତା ପରେ ମୋଦୀଙ୍କ ପୂର୍ବରୁ ମାତ୍ର ଜଣକଠାରେ ଦେଖିବାକୁ ମିଳେ, ଯିଏକି ପ୍ରଧାନମନ୍ତ୍ରୀ ପଦରେ ମଧ୍ୟ ଆସୀନ ଥିଲେ ଏବଂ ଯିଏ ଉଭୟ ତାଙ୍କର ଦଳ ଓ ଦେଶକୁ ନେତୃତ୍ୱ ଦେଇଥିଲେ, ସମସ୍ତ ମତଭେଦ ସତ୍ତ୍ୱେ ଲୋକମାନଙ୍କ ସହିତ ଯୋଡ଼ିହୋଇ ରହିଥିଲେ, ସେମାନଙ୍କୁ ଏକ ଆଦର୍ଶର ଦର୍ଶନ କରାଇ ଥିଲେ ଏବଂ ଏକ ବିପୁଳ ସଂଖ୍ୟକ ନାଗରିକ ତାଙ୍କ ଦୃଷ୍ଟିକୋଣକୁ ଅନୁସରଣ କରିବାକୁ ସୁନିଶ୍ଚିତ କରିଥିଲେ- ସେ ହେଉଛନ୍ତି ସ୍ୱାଧୀନ ଭାରତର ସେଇ ପ୍ରଥମ ପ୍ରଧାନମନ୍ତ୍ରୀ- ପଣ୍ଡିତ ଜବାହାରଲାଲ ନେହରୁ । ମୋଦୀଙ୍କ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ କଦାଚିତ୍ ଏକ ସଫଳ କାର୍ଯ୍ୟକ୍ରମ ବୋଲି ଆମମାନଙ୍କ ମଧ୍ୟରୁ କେତେଜଣ ବାଜି ମାରି ପାରିବା? ଅଗଷ୍ଟ ମାସ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଆଗାମୀ ସ୍ୱାଧୀନତା ଦିବସକୁ ପାଳନ କରିବା ନିମନ୍ତେ ଏକ ରାଷ୍ଟ୍ରବ୍ୟାପି କାର୍ଯ୍ୟକ୍ରମ ଏବଂ ପ୍ରଚାର ଅଭିଯାନ ପାଇଁ ପ୍ରସ୍ତୁତ ହେବାକୁ ଦେଶର କେଉଁ ନେତା ସମଗ୍ର ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ? କେତେ ଜଣ ନେତା ମଧ୍ୟପ୍ରଦେଶର କେଉଁ ଏକ ପରିତ୍ୟକ୍ତ ଭାଗରେ ଅବସ୍ଥିତ ଶାଦୋଳ ଗାଁ ବିଷୟରେ କହିଛନ୍ତି, ଯେଉଁ ଗାଁର ନାଁ ଏମିତିକି ସେଇ ଜିଲ୍ଲା ବାହାରର ଲୋକମାନେ ମଧ୍ୟ ଶୁଣି ନଥିବେ– ଏକ ଗାଁ ମାତ୍ର ଏକ ଦଶନ୍ଧି ପୂର୍ବ ପର୍ଯ୍ୟନ୍ତ ନିଶାଖୋରମାନଙ୍କ ବାସସ୍ଥାନ ଭାବରେ ବିବେଚିତ ଥିଲା ଏବଂ ଜଣେ ଫୁଟବଲ୍ କୋଚଙ୍କ ଉଦ୍ୟମରେ ଏହା ପରିବର୍ତ୍ତିତ ହୋଇ ବର୍ତ୍ତମାନ ଛୋଟ ବ୍ରାଜିଲ୍ ଭାବରେ ପରିଚିତ ହେଉଛି ? ମହିଳାମାନେ ସହଯୋଗ ମାଧ୍ୟମରେ ବିଭିନ୍ନ ଉପଯୋଗୀ ଜିନିଷମାନ ତିଆରି କରୁଥିବା କଥା କେତେଜଣ ବିଶ୍ୱ ନେତା କହିବେ? କେତେଜଣ ନେତା ମହିଳାମାନେ ଏକାକୀ ହଜ୍ କରିବାକୁ ଯାଉଥିବା କଥା କହୁଛନ୍ତି? କେତେଜଣ ଭାରତର ଲୋକମାନଙ୍କ ବିଜୟ ପାଇଁ ଯୁକ୍ତରାଷ୍ଟ୍ର କଳାକୃତିଗୁଡ଼ିକୁ ଫେରାଇ ଦେଉଥିବା କଥା କହିବେ ? ନିଃସନ୍ଦେହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ସମସ୍ତଙ୍କୁ ମୋହିତ କରିଦେବା ଭଳି ସାମର୍ଥ୍ୟ ରହିଛି ଏବଂ ସାମ୍ପ୍ରତିକ ସମୟର ରାଜନୀତି କ୍ଷେତ୍ରରେ ତାଙ୍କ ଭଳି ଅନ୍ୟ ଜଣେ ରାଜନେତାଙ୍କର ଆବିର୍ଭାବକୁ କଳ୍ପନା କରିବା ସୁଦ୍ଧା ସମ୍ଭବପର ନୁହେଁ । ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ନୁହନ୍ତି, ଯିଏ ପାଞ୍ଚ ବର୍ଷ ପରେ ଲୋକମାନଙ୍କ ନିକଟକୁ ଭୋଟ୍ ପାଇଁ ଥରକ ପାଇଁ ଆସନ୍ତି, ବରଂ ମାସ ପରେ ମାସ ଲୋକମାନଙ୍କୁ ତୀର୍ଥ କରିବାକୁ ଯିବା, ପରିବେଶକୁ ସ୍ୱଚ୍ଛ ରଖିବା, ବୃକ୍ଷ ରୋପଣ କରିବା, ରନ୍ଧନ ଗ୍ୟାସ୍ କିଣିବାର ସାମର୍ଥ୍ୟ ଥିଲେ ସବ୍‌ସିଡି ଗ୍ୟାସ୍ ଫେରାଇ ଦେବା ଏବଂ ସହିଦମାନଙ୍କ ପାଇଁ ଏକ ବିଶାଳ ବଗିଚା ଓ ସ୍ମାରକୀ ନିର୍ମାଣ କରିବାକୁ ଦେଶର ପ୍ରତ୍ୟେକ ଅଂଶରୁ ମାଟି ସଂଗ୍ରହ କରୁଥିବା ଲୋକମାନଙ୍କ ସହିତ ଦେଶବାସୀଙ୍କୁ ଯୋଗ ଦେବାର କଥା କୁହନ୍ତି, ଏବଂ ଲୋକମାନେ ମଧ୍ୟ ତାହା କରିଥାନ୍ତି, କାରଣ ସେମାନେ ଭାରତର ଏକ ଶକ୍ତିଶାଳୀ ଦେଶ ଭାବରେ ପୁନରଭ୍ୟୁଦୟ ଏବଂ ସମାଜର ପରିବର୍ତ୍ତନ ପାଇଁ ତାଙ୍କର ଦେହରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କାର୍ଯ୍ୟ କରିବାର ଇଚ୍ଛାକୁ ଅନୁଭବ କରି ପାରନ୍ତି। ମନ୍ କୀ ବାତ୍ ହେଉଛି ଦ୍ୱିତୀୟ ଭାରତ ଆବିଷ୍କାର, ଆଉ ସେ ଦୃଷ୍ଟିରୁ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍‌ଙ୍କ ସହିତ ମୋଦୀଙ୍କର ସାମଞ୍ଜସ୍ୟ ରହିଥିବା କୁହାଯାଇପାରେ ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ



### ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ବିଶ୍ୱ ସଂସ୍କୃତ ଦିବସ । ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପୃତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ !

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଅସରାଏ ବର୍ଷା ଆଜି ଜନ ଜୀବନକୁ ଅସ୍ତ ବ୍ୟସ୍ତ କରି ଦେଉଛି



### ବିଷ୍ଣୁ ପ୍ରସାଦ ଦାସ

ଅସରାଏ ବର୍ଷା ଆଜି ଜନ ଜୀବନକୁ ଅସ୍ତ ବ୍ୟସ୍ତ କରିଦେଉଛି । ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ । ଏହା କେବଳ ରୁଗ୍ଣ ରାଜନୀତି ଛଡା ଆଉ କିଛି ନୁହେଁ । ଅସରାଏ ବର୍ଷା ଆଉ ଦୈତ୍ୟ ନଗରୀ ଜଳାର୍ଣ୍ଣବ ଏହା ତ' ଆଜିର କଥା ନୁହେଁ ଏହା ବର୍ଷ ବର୍ଷର ସମସ୍ୟା, ଆଉ ଇଛା ଶକ୍ତି ଥିଲେ ଏହାର ସମାଧାନ ମଧ୍ୟ ଅସମ୍ଭବ ନୁହେଁ। ଏଥିପାଇଁ ଦୃଢ଼ ମନୋବଳର ଆବଶ୍ୟକତା ଦରକାର୍ । ସରକାରଙ୍କ କାର୍ଯ୍ୟ ଶୈଳୀକୁ ବିରୋଧ କରୁଥିବା ନେତା ଓ ବ୍ୟକ୍ତିବିଶେଷ ଖାଲି ଭାଷଣ ନ' ଦେଇ ସରକାରଙ୍କ ସହିତ ବସି ଆଲୋଚନା କରିବା ଉଚିତ । ଚୁମ୍ବକରେ କିଛିଟା ବିଷୟ ନିମ୍ନରେ ଦିଆଗଲା ଏହାକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରେ :

(୧) ଜଳ ନିଷ୍କାସନ ହେଉ ନ'ଥିବା ଜାଗା ଗୁଡିକ ଚିହ୍ନଟ (୨) ଜଳ ନିଷ୍କାସିତ ନ' ହେବାର କାରଣ କ'ଣ? (୩) କ'ଣ ପଦକ୍ଷେପ ନିଆଯାଇଛି ଓ କ'ଣ ଅଧିକ ପଦକ୍ଷେପ ନିଆଯିବ? (୪) ସରକାରୀ ନାଳ ଉପରେ ଥିବା ଜବର ଦଖଲ କଠୋର ଭାବେ ଉଚ୍ଛେଦ (୫) ନଗର ଉନ୍ନୟନ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ (୬) ଠିକାଦାର ମାନଙ୍କ କାର୍ଯ୍ୟ ଶୈଳୀ ତଥା କାର୍ଯ୍ୟର ମାନ ନିର୍ଦ୍ଧାରଣ କରିବା (୭) ନାଳ ଗୁଡିକର ଜଳ ନିଷ୍କାସନ କ୍ଷମତା ଓ ଜଳ ନିର୍ଗମନ ଲେବୁଲ ଉପରେ ବୈଜ୍ଞାନିକ ପ୍ରଣାଳୀରେ ନିର୍ଣ୍ଣୟ ନେବା (୮) ବସ୍ତି ବାସିନ୍ଦାଙ୍କ ଦ୍ୱାରା ଜଳ ନିର୍ଗମନ ବ୍ୟବସ୍ଥା ଅବରୋଧକୁ ଦୃଢ ହସ୍ତରେ ଦମନ କରିବା (୯) କାର୍ଯ୍ୟ ଶୈଳୀରେ ପ୍ରିୟା ପ୍ରୀତି ତୋଷଣ ଓ ପଲିଥିନ ହଟାଇବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବା (୧୦) ବିଭାଗୀୟ ଅଧିକାରୀ ମାନଙ୍କୁ ଜଳ ନିଷ୍କାସନ କାର୍ଯ୍ୟରେ ଅବହେଳା ପାଇଁ ଉତ୍ତରଦାୟୀ କରିବା ସହିତ ଆଇନ ଅନୁଯାଇ ଦଣ୍ଡିତ କରିବା (୧୧) ସବୁ ବିଭାଗର ସମନ୍ୱୟ ଏବଂ ଜଣେ ନିଷ୍ଠାବାନ୍ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା କଠୋର ଅନୁଶାସନ ଦ୍ୱାରା ଏହା ସମ୍ଭବ ହୋଇ ପାରିବ ବୋଲି ହୃଦବୋଧ ହୁଏ ।




ସରକାର ଅର୍ଥ ଦେବାକୁ ମନା କରିନାହାନ୍ତି, ସହଯୋଗ କରିବାକୁ ମନା କରୁନାହାନ୍ତି ତେବେ? କେବଳ ସମନ୍ୱୟ ତଥା ନିଷ୍ଠାର ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ ଆଜି ଦୈତ୍ୟ ନଗରବାସୀ ଘୋର ଜଳବନ୍ଦୀ ସମସ୍ୟାର ସମ୍ମୁଖିନ, ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି, ଖାଇବାକୁ ନାହିଁ କି ଶୋଇବାକୁ ସ୍ଥାନ ନାହିଁ। ଯାବତୀୟ ଆସବାବପତ୍ର ଜଳରେ ନଷ୍ଟ, ଅସହାୟ ଅବସ୍ଥାରେ ପୀଡିତ ଜନତା କେବଳ ଭଗବାନଙ୍କୁ ଡାକୁଛନ୍ତି । କୋଟି କୋଟି ଟଙ୍କା ଦେଇ ବିଦେଶରୁ ପାଣି ପମ୍ପ ଆସିଛି ଯାହା ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟ ହୋଇ ଯିବାକୁ ବସିଲାଣି, ଏଥିପ୍ରତି କାହାରି ଧ୍ୟାନ ନାହିଁ, କଥାରେ ଅଛି 'ସରକାର କା ମାଲ୍ ନା ଦରିଆମେ ଡାଲ୍' । କଟକ ସହରର ଜାଇକା କାମ କେବେ ସରିବ ତା'ର ସଠିକ ଉତ୍ତର କୌଣସି ବାବୁଙ୍କ ପାଖରେ ନାହିଁ, ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ସବୁ ଏକା ଲାଉର ମଞ୍ଜି ସମସ୍ତେ ନିଜ ଅଧସ୍ତନ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେବାରେ ହେଳା କରନ୍ତି ନାହିଁ କିନ୍ତୁ କାମ କିଏ କରିବ? ଆଉ କିଏ ତା'ର ମାନ ଯାଞ୍ଚ କରିବ? ସମସ୍ତଙ୍କର ଉପରେ ହାତ ଅଛି ତେଣୁ 'ଡର କାହାକୁ, ଭୟ କାହାକୁ ? ମନ୍ତ୍ରୀ ଅଛନ୍ତି ଚଉ ବାହାକୁ' । କଟକ, ଭୁବନେଶ୍ୱର ସହରରେ ଅତ୍ୟଧିକ ବର୍ଷା ହୋଇଗଲେ ଅସମ୍ଭାଳ ପରିସ୍ଥିତିକୁ ସାମ୍ନା କରିବାର ଅତ୍ୟାଧୁନିକ ଜ୍ଞାନ କୌଶଳକୁ ଆପଣେଇବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେବା ପରିବର୍ତ୍ତେ ସରକାର ଖାମଖିଆଲି ଭାବେ ପରିସ୍ଥିତିକୁ ଏଡାଇ ଯାଉଛନ୍ତି। ହଜାର ହଜାର ଜଳବନ୍ଦୀ ନିରୀହ ଜନତା ପିଲାଛୁଆ ଧରି ଅସହାୟ ଭାବେ ଜଳ ଛାଡିବା ପର୍ଯ୍ୟନ୍ତ ଭଗବାନଙ୍କ ଉପରେ ନିର୍ଭର କରିବା ଛଡା ଅନ୍ୟ କୌଣସି ଉପାୟ ନ'ଥାଏ। ଧର୍ମକୁ ଆଖିଠାର ମାରି ବା ନିର୍ବାଚନକୁ ନଜରରେ ରଖି କିଛି ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷ ସାଙ୍ଗରେ ଅନେକ ଗୁଡିଏ ଟି:ଭି ଚ୍ୟାନେଲ ସାମ୍ବାଦିକ, କ୍ୟାମେରା ମ୍ୟାନ୍ ଧରି ଜଳବନ୍ଦୀ ହୋଇଥିବା ସ୍ଥାନକୁ ପରିଦର୍ଶନରେ ଯାଇ ସହାନୁଭୂତି ଦେଖାଇବା ଆଳରେ ନିଜ ଦଳୀୟ ପ୍ରଚାର ଚିନ୍‌ହ ଥିବା ମୁଣା ମଧ୍ୟରେ କିଛି ଖାଦ୍ୟ ପଦାର୍ଥ ଦେଇ ନିଜର ପତିଆରା ଜାହିର କରିବାକୁ ଆଗଭର ହୋଇ ଥାନ୍ତି, ବର୍ତ୍ତମାନ ଯୁଗରେ ଦୁଃଖ ସମୟରେ ରାଜନୀତି ଏକ ସାଧାରଣ କଥାରେ ପରିଣତ ହୋଇ ଯାଇଛି । ନୀତି ଏବଂ ରାଜନୀତି ବର୍ତ୍ତମାନ ଅଲଗା ପଥର ପଥିକ ସାଜିଛନ୍ତି, ତେଣୁ ମହାତ୍ମା ଗାନ୍ଧୀଙ୍କ ତିନି ମାଙ୍କଡ଼ ସଦୃଶ ଆମକୁ କାଳାତିପାତ କରିବାକୁ ପଡିବ ନଚେତ ବଡ଼ ବଡିଆଙ୍କ କ୍ରୋଧର ଶିକାର ହେବା ନିଶ୍ଚିତ ।

ଛତୁ ଫୁଟିଲା ପରି ହଜାର ହଜାର ଯାନ୍ତ୍ରିକ ମହାବିଦ୍ୟାଳୟ ଖୋଲି ବ୍ୟବସାୟ କରିବାଠାରୁ ଭଲ ଯନ୍ତ୍ରୀ କିପରି ବାହାରିବେ ଏବଂ ଦେଶର ନାମ ରଖିବେ ସେହି ଆଡକୁ ଦୃଷ୍ଟି ଦିଅନ୍ତୁ । ଜାପାନ ଦେଶର ଟୋକିଓ ସହରର ଜଳ ନିଷ୍କାସନ ବ୍ୟବସ୍ଥା ଅନୁଧ୍ୟାନ କରିବା ଉଚିତ, ଭୂମିଗତ ସୁଡ଼ଙ୍ଗ ଦ୍ୱାରା ସେମାନେ ଅଧିକ ବର୍ଷା ଜଳକୁ ଦୂର ସ୍ଥାନକୁ ନେଇଯାଇ ନଦୀରେ ଛାଡି ଦେଇଥାନ୍ତି । ସତ କହିବାକୁ ଗଲେ ଆମର ଇଚ୍ଛାଶକ୍ତିର ଘୋର ଅଭାବ ଆଉ ଯେଉଁମାନେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ସେମାନଙ୍କୁ କୌଣସି ନା' କୌଣସି ବାଟରେ ବାଧା ଦିଆ ଯାଏ, କାରଣ ତାହାର ପଛରେ କିଛି ନିଜସ୍ୱ ସ୍ୱାର୍ଥ ଜଡିତ ଥାଏ । ଆଜି ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି କି ତା'ଙ୍କର କଥାକୁ କେହି ମନେରଖି ନାହାନ୍ତି, ଏପରି କିଛି ଲୋକ ଥିବେ ଯେଉଁମାନେ କି ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କୁ ମଧ୍ୟ ଜାଣି ନ'ଥିବେ । ଦେଶ ସ୍ୱାଧୀନତା ପୂର୍ବରୁ ଏକଦା ସେ କହିଥିଲେ 'ମିଶୁ ମୋର ଦେହ ଏ' ଦେଶ ମାଟିରେ, ଦେଶ ବାସୀ ଚାଲି ଯାଆନ୍ତୁ ପିଠିରେ, ଦେଶର ସ୍ୱରାଜ୍ୟ ପଥେ ଅଛି ଯେତେ ଗାଡ଼, ପୁରୁ ତହିଁ ପଡି ମୋର ମାଂସ ହାଡ଼' ଏବଂ ଆଜିର ଯୁଗରେ ଅଧିକାଂଶ ଦେଶ ବାସୀ କେମିତି ଦେଶକୁ ଲୁଟିବେ ସେଇ ଚିନ୍ତାରେ ଅଛନ୍ତି ତେଣୁ କେବଳ ଜଳ ନିଷ୍କାସନ ନୁହେଁ ସବୁ ପ୍ରକାର ଜନ ହିତକାରୀ କାର୍ଯ୍ୟରେ ଘୋଟାଲା, ଠକାମୀ, ତଥା ନିମ୍ନ ମାନର କାର୍ଯ୍ୟ ଆମେ ଦେଖୁଛୁ । ଯେତେଦିନ ପର୍ଯ୍ୟନ୍ତ ଆମେ ନିଜ ସ୍ୱାର୍ଥ ଛାଡ଼ି ଦେଶକୁ ଭଲ ପାଇବାକୁ ନ'ଶିଖିବା, ସେତେଦିନ ପର୍ଯ୍ୟନ୍ତ ଆମେ ଏହିପରି ଦୁଃଖକୁ ସାମ୍ନା କରୁଥିବା ଏବଂ କୁମ୍ଭୀର କାନ୍ଦଣା କାନ୍ଦୁଥିବା । ଖାଲି କଟକ, ଭୁବନେଶ୍ୱର ନୁହେଁ, ଓଡ଼ିଶାର ଅନେକ ଛୋଟ ବଡ଼ ସହର ଆଜି ଜଳବନ୍ଦୀ ଜନିତ ସମସ୍ୟା ଭିତରେ ଗତି କରୁଛି । ଅନେକ ବାର ଉଚ୍ଚ ନ୍ୟାୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେଣି, କିନ୍ତୁ ନିର୍ଦ୍ଦେଶ, ନିର୍ଦ୍ଦେଶ ଜାଗାରେ ଆଉ କାର୍ଯ୍ୟ ଶୂନ୍ୟ । ନେତୃତ୍ୱ ନେଉଥିବା ବିଜ୍ଞ ବ୍ୟକ୍ତିମାନଙ୍କୁ ଅନୁରୋଧ ଆରୋପ ପ୍ରତ୍ୟାରୋପ ଛାଡି କିପରି ଜଳବନ୍ଦୀ ସମସ୍ୟା ସମାଧାନ ହେବ ତା'ର ସୁଗମ ପଥ ନିର୍ଦ୍ଧାରଣ କରନ୍ତୁ । ଲେଖାଟି ସମ୍ପୂର୍ଣ୍ଣ ଭାବେ ମୋର ନିଜସ୍ୱ ମତ, କୌଣସି ବ୍ୟକ୍ତି ବିଶେଷ, ସରକାରୀ ଅନୁଷ୍ଠାନକୁ ଆକ୍ଷେପ କରି ଲେଖି ନାହିଁ। ଯଦି କାହାରି ପଦ ପଦବୀ ବା ସମ୍ମାନ ଉପରେ ଆଞ୍ଚ ଆସୁଥାଏ ତେବେ ନିଃସର୍ତ୍ତ କ୍ଷମା ମାଗି ନେଉଛି।


ବରିଷ୍ଠ ନାଗରିକ
ସ୍ନେହ କୁଟୀର,ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## କବିତା କୋଣାର୍କ

### ଏମିତି ମୋ ଜୀବନ



#### ରାହାସ କୁମାର ବେହେରା

ନିଦ ମୋ ଯାଉଛି ହଜି
କାହିଁ କେତେଦୂରେ ଏକଲା ଜୀବନ
ପାରୁନି ନିଜକୁ ବୁଝି ।

ପେଟ ପାଇଁ କେତେ ନାଟ
ଭଲମନ୍ଦ ସୁଖ ସଉକିନ ନାହିଁ
ସାଜିଛି ସଂସାରୀ ଭାଟ ।

ଖଟି ଖଟି ଦିନ ସରେ
ଖାଇ ପାରୁନାହିଁ ରୋଗ ବଇରାଗେ
ଅବସୋସେ ଖାଲି ମରେ ।

ଏମିତି ଦୁଃଖର କଥା
ଡହଡହ ହୋଇ ଜଳୁଛି ନିଇତି
ହୋଇଯାଏ ଅଣ୍ଟା ବଥା ।

ଦେଖୁଛି ସପନ ଯେତେ
ମୁଣ୍ଡ ଟେକି ଦାଣ୍ଡେ ଚଲିବି କେମିତି
ହୋଇଛି ଭିକାରି ସତେ ।

ଖୋଜୁଛି ସମ୍ପର୍କ ଛାଇ
ପ୍ରତାରଣା ଭରା କରୁଣ ବିଳାପେ
ରହିଯାଏ ଏକା ହୋଇ ।

ପାଇଛି ମଣିଷ ଜନ୍ମ
ଘଡ଼ିଏ ବଞ୍ଚୁଛି ଘଡ଼ିଏ ମରୁଛି
ଅବୁଝା ହୁଏ ମୋ ମନ।


ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ: ୯୪୩୮୧୧୪୩୬୮


### ଫେରି ଆସନ୍ତା କି



#### ଦୀପକ କୁମାର ନାଏକ

ଭାରି ଭଲ ଥିଲା ପିଲା ଦିନ ମୋର
ଭଲ ଥିଲା ବାଲି ଖେଳ
ବଡ଼ ହେବା ପରେ ଚିନ୍ତା ବଢିଗଲା
ଭଲ କଟେନା ବେଳକାଳ !

ଯେତେ ବଡ଼ ହେଲେ ସେତେ ଚିନ୍ତା
ମନରେ କରଇ ବସା
କେବେ ଗାଳିମନ୍ଦ ପୁଣି ହସ କାନ୍ଦ
ହୁଏ ନୀତି ରାଗ ରଷା !

ବଡ଼ ହେବା ପରେ ରୋଜଗାର
ଚିନ୍ତା
ମନକୁ କରଇ ଆନ୍ଦୋଳ
ପୁଣି କେବେ ଏ ପ୍ରେମ ଟିକେ ପାଇଁ
ମନ ହେଉଥାଏ ବ୍ୟାକୁଳ !
ନା ରୋଜଗାର ଚିନ୍ତା ନା ଆଉ କିଛି
ଚିନ୍ତା ନଥିଲା ମୋ ମନରେ
ନାଚି ଖେଳି ଡେଇଁ କଟୁଥିଲା ଦିନ
ପିଲାବେଳ ହସ ଖୁସିରେ !

ଫେରି ଆସନ୍ତା କି ସେ ପିଲା ଦିନ
ଫେରି ଆସନ୍ତା ସେ ସ୍ମୃତି
ତାକୁ ନେଇ ସାରାଜୀବନ କାଟନ୍ତି
ଜଣା ପଡ଼ନ୍ତାନି ଦିନରାତି !


ଯୁବ ସାମ୍ବାଦିକ
ମୋବାଇଲ୍-୮୬୩୭୨୬୧୮୨୮
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ
ଢେଙ୍କାନାଳ ପିନ୍ -୭୫୯୦୨୧


### ମଣିପୁର



#### ସଞ୍ଜୟ ଖେମୁଣ୍ଡୁ

ମୁଁ ଦେଖିନି ସେ ଦୃଶ୍ୟ
ଯାହା ଏବେ ଏବେ ଘଟି ଯାଇଛି
ମଣିପୁରରେ
ଯାହା ହଇଚଇ ସୃଷ୍ଟି କରିଛି
ସମଗ୍ର ଭାରତ ବର୍ଷରେ
ମୁଁ ଦେଖିନି କାରଣ ମୁଁ ଆଜି ଆଖି
ଥାଇ ଅନ୍ଧ ।

ମୁଁ ପଢିନି ତାର କୌଣସି ଖବର
ଯାହାକି କଳେବର ବୃଦ୍ଧି କରିଛି
ପ୍ରତ୍ୟେକ ସମ୍ବାଦ ପତ୍ରର
ଯାହା ଏବେ ଚଢ଼ା ଦରରେ
ବିକ୍ରି ହେଉଛି ହାଟ ବଜାରେ
ମୁଁ ପଢ଼ିନି କାହିଁକି ନା ମୁଁ ଆଜି
ଅଶିକ୍ଷିତ ପାଠୁଆ ।

ମୁଁ ସ୍ଥାନ ଦେଇନି ମଣିପୁରର ସେ
ଦୁର୍ଘଟଣାକୁ
କବିତା, ଗଳ୍ପ କିମ୍ବା କୌଣସି
ଉପନ୍ୟାସରେ
କାରଣ ନା ମୁଁ ଜଣେ କବି,
ନା ଗାଳ୍ପିକ,
ନା ଜଣେ ଔପନ୍ୟାସିକ ।

ମୁଁ ତା'ବିରୋଧରେ ବିଦ୍ରୋହ
କରିବାକୁ ଚେଷ୍ଟା ବି କରିନି
କାହିଁକି ନା ମୁଁ ଆଜି ନପୁଂସକ
ବୃହନ୍ନଳା
ଅସ୍ତ୍ର ଚାଳନ କରିବାକୁ ମୋର
ଏ ହାତରେ ଆଜି ବଳ ନାହିଁ ।
ସେ ଅନ୍ୟାୟୀ,
ଅତ୍ୟାଚାରୀ ରାକ୍ଷସ ଗଣ
ଯେଉଁମାନେ ଯୁଗ ଯୁଗ ଧରି
ନାରୀମାନଙ୍କୁ
ଏଭଳି ଶୋଷଣ ପେଷଣ କରି
ଆସୁଛନ୍ତି
ସେମାନଙ୍କୁ ଦଣ୍ଡ ବିଧାନ ବି କରି
ପାରୁନି
କାରଣ ମୁଁ ଆଜି କ୍ଷମତା ହୀନ ଅନ୍ଧ
ଧୃତରାଷ୍ଟ୍ର ।

ସବୁ ଜାଣିଶୁଣି ନୀରବ ରହିବାକୁ
ମୁଁ ଆଜି ପ୍ରାଣପଣେ ଅଭ୍ୟାସ କରୁଛି
କାହିଁକି ନା ଗାନ୍ଧିଜୀଙ୍କର ସେହି ତିନି
ମାଙ୍କଡ଼ଙ୍କୁ
ମୋର ଆଦର୍ଶ ବୋଲି
ମାନିନେଇଛି ।


ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ,
ବିକ୍ରମଦେବ ବିଶ୍ୱବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୭୮୫୪୦୧୦୫୧୯

# ମା'କ୍ଷୀର ଅମୃତ



ଡାକ୍ତର ଶୁଭଶ୍ରୀ ମିଶ୍ର



ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର । ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର । ନିହାତି ଦରକାର ନହେଲେ ଏହି ସମୟ ମଧ୍ୟରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ । ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ । ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଇଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ। ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ । ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ । ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ । ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ । ଏହି ସମୟ ମଧ୍ୟରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି । ଏପରି କରିବା ଶିଶୁ ପାଇଁ କ୍ଷତିକାରକ । କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ । ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ବଟଲରେ କ୍ଷୀର ପିଆଇବେ ନାହିଁ । କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ । ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ । ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ । ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ ।

ବ୍ରେଷ୍ଟ ଫିଡ଼ିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି । ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ । ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର । ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ । ଯାହା ଗାଈ କ୍ଷୀରରେ ନଥାଏ। ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି । ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ। ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ । ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ । ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ । ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ। ମା'କ୍ଷୀର ନବଜାତ ଶିଶୁ ଓ ମା' ମଧ୍ୟରେ ଭାବନାତ୍ମକ ସଂପର୍କ ଦୃଢ଼ କରେ । ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ । ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ । ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ । ସେମାନେ ବୁଦ୍ଧିଆ ହୁଅନ୍ତି ।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ । ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ୍ୟ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ । ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବାଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ । ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ । ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ୍ୟ ଠିକ୍ ରହିବ ।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ: : ୯୮୬୧୪୬୩୪୦୬

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୩ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ପୁଣି ସେହି ଆଦି ଯୋଗେଶ୍ୱର ସ୍ୱୟଂଭୂ ପ୍ରଜାପତି ବ୍ରହ୍ମା, ପୃଥିବୀର ସେହି ପ୍ରଥମ ବ୍ରହ୍ମ ଜ୍ଞାନ ଲାଭ କରିଥିବା ସନତ, ସନାତନ ଧର୍ମର ପ୍ରଥମ ପ୍ରବର୍ତ୍ତକ, ଯୋଗ ବଳରେ ସୃଷ୍ଟିର ପ୍ରକ୍ରିୟାକୁ ଉର୍ଦ୍ଧ୍ୱ ତ୍ତର କରିବାରେ ମନ ଦେଲେ।

ସେହି ସ୍ୱୟଂଭୂ ସନତ ହିଁ ବିଷ୍ଣୁ ଲୋକ ପର୍ଯ୍ୟନ୍ତ ଗତି କରି ବ୍ରହ୍ମ ଜ୍ଞାନ ଲାଭ କଲେ ଓ ସୃଷ୍ଟି ତତ୍ତ୍ୱ ଜ୍ଞାତ ହୋଇଥିଲେ। ପ୍ରଜାପତିଙ୍କଠାରୁ ଉତ୍ପନ୍ନ ହୋଇଥିବା ଚାରୋଟି ନକ୍ଷତ୍ରଙ୍କୁ ସେ ନିଜ ନାମ ତଥା ନିଜର ତିନି ଅନ୍ତରଙ୍ଗ ବନ୍ଧୁଙ୍କ ନାମରେ ନାମିତ କରିଥିଲେ। ସେମାନଙ୍କ ମଧ୍ୟରୁ ସନକ, ( ମାନବର ସଖା) ସନନ୍ଦ ( ଆନନ୍ଦର ମାର୍ଗ ପ୍ରଦର୍ଶକ ଏବଂ ସନାତନ ହିଁ ସନାତନ ଧର୍ମର ପ୍ରସାରକ ଥିଲେ।

ସବୁକିଛି ତ୍ରୟ ରୂପରେ ପରିକଳ୍ପିତ। ପ୍ରଥମେ ଶୂନ୍ୟରେ ସୂକ୍ଷ୍ମ ରୂପରେ ଏକ କଳ୍ପନା, ତାହାପରେ ଦୃଶ୍ୟମୟ ବ୍ରହ୍ମାଣ୍ଡରେ ଏବଂ ତାହାପରେ ପିଣ୍ଡ ମଧ୍ୟରେ ରୂପାୟିତ ହେଉଥିଲା। ସବୁ ଶୃଙ୍ଖଳିତ ଭାବେ ମହାବିଜ୍ଞାନର ନିୟମ ଅନୁସାରେ ପରିଚାଳିତ। ସତ୍ତ୍ୱ, ରଜ ଏବଂ ତମ ତ୍ରିଗୁଣର ଆଶ୍ରୟରେ ରୂପାୟିତ।

ଅଥଚ ପ୍ରଜାପତି ବ୍ରହ୍ମା ତୃପ୍ତ ହୋଇପାରୁ ନାହାଁନ୍ତି। ଜୀବ କୋଷର ସୃଷ୍ଟି ନିଜ ନିଜକୁ ଖଣ୍ଡ, ଖଣ୍ଡ ବିଭାଜିତ କରି ବଂଶ ବିସ୍ତାର କରୁଛନ୍ତି !! ତାଙ୍କ ମନରେ ପୁଣି ଥରେ ସେହି ପୂର୍ବ ପ୍ରଶ୍ନ ଗୁଡ଼ିକ ପ୍ରତିଧ୍ୱନି ତ ହୋଇ ଉଠୁଛି। 'ମୁଁ କିଏ ? କେଉଁଠାରୁ ଆସିଲି ଏବଂ କେଉଁଠାକୁ ଯିବି ? ଜଳ ନଥାଇ ପଦ୍ମ ଆସିଲା କେଉଁଠୁ ? ଅର୍ଥାତ୍ ଜଳ ନଥାଇ ଜୀବ ସୃଷ୍ଟି ହେଲା କିପରି ? ଜଳ କେଉଁଠାରୁ ଆସିଲା ? ଅଗ୍ନିରେ ପାକ ନହେଲେ ଜଳ ବା ଖାଦ୍ୟ କିପରି ସଂଭବ ହେବ ? ଅଗ୍ନି କେଉଁଠାରୁ ଆସିଲା ? ଏକ ପଦ୍ମ କଳ୍ପ ସମୟ ମଧ୍ୟରେ ମୁଁ ପଦ୍ମ( ମାତୃତ୍ୱ ) ମଧ୍ୟରୁ କିପରି ସ୍ୱତନ୍ତ୍ର ହୋଇ ସୃଷ୍ଟି ହେଲି ?'

ସ୍ୱୟଂଭୂ ନିଜର ଜ୍ଞାନ ବଳରେ ଜାଣନ୍ତି, ଏହି ବିଶ୍ୱର ସକଳ ଦୃଶ୍ୟ ଓ ଅଦୃଶ୍ୟ ପଦାର୍ଥ ଅନନ୍ତ ଜୀବନ ବିଷ୍ଣୁଙ୍କର ସ୍ୱରୂପ ଅଟେ।

ଅନନ୍ତ ଜୀବନ ? ହଁ, ଏହି ବିଶ୍ୱ ବ୍ରହ୍ମାଣ୍ଡରେ ସକଳ ପଦାର୍ଥ ଜୀବନ ରେ ପରିପୂର୍ଣ୍ଣ।ଏଠାରେ କୌଣସି ଜଡ଼ ପଦାର୍ଥ ହିଁ ନାହିଁ। ମଟର ମଞ୍ଜିକୁ ଆମେ ଏକ ଜଡ଼ ପଦାର୍ଥ ବୋଲି କହି ଥାଉ।କିନ୍ତୁ ଏହା ମଧ୍ୟରୁ ଜୀବନ ଥିବା ଗଛଟିଏ ସୃଷ୍ଟି ହୋଇଥାଏ। ସ୍ୱାସ୍ଥ୍ୟ ଖରାପ ହେଲେ ଜୀବନ ଶକ୍ତି ହ୍ରାସ ହୋଇଥାଏ। ବୈଦ୍ୟ ଯେଉଁ ବଟି ଓ ଔଷଧ ଦିଅନ୍ତି, ତାହା ଜଡ଼ ପଦାର୍ଥ। କିନ୍ତୁ ତାହା ଆମର ଜୀବନକୁ ରକ୍ଷା କରେ। ବାୟୁ, ଜଳ, ମାଟି, ଆଲୋକ, ଉତ୍ତାପ ଏମାନେ ଜଡ଼ ପଦାର୍ଥ। କିନ୍ତୁ ଏମାନଙ୍କ ବ୍ୟତୀତ ଜୀବନ ଧାରଣ ସଂଭବ ନୁହେଁ। ତେଣୁ ସୂକ୍ଷ୍ମ ରୂପରେ ଏହି ସମସ୍ତ ଜଡ଼ ପଦାର୍ଥରେ ଜୀବନ ହିଁ ରହିଅଛି। ବ୍ରହ୍ମ ହିଁ ଅଛନ୍ତି। ବ୍ରହ୍ମ ଅସୀମ ଶକ୍ତି ସମ୍ପନ୍ନ। ପଞ୍ଚଭୂତର ବିନା ସହଯୋଗରେ ବ୍ରହ୍ମ ଶ୍ରବଣ, ଦର୍ଶନ, ସ୍ୱର୍ଶ, କଥନ, ଆଘ୍ରାଣ ଓ ଅନୁଭବ କରନ୍ତି । ସେ ଜଡ଼ ସହିତ ଯୁକ୍ତ ହେଲେ ଜଡ଼ ମଧ୍ୟ ଜାଗ୍ରତ ହୋଇଯାଏ। ଆତ୍ମା ମଧ୍ୟ ପାଞ୍ଚ ଭୂତର ବିନା ସହଯୋଗରେ ବଞ୍ଚିଥାଏ। ପ୍ରକୃତି ଏହାର କୌଣସି କ୍ଷତି କରିପାରେ ନାହିଁ। ନିଜର କୃତ୍ କର୍ମ ପାଇଁ ତାହା ଦଣ୍ଡିତ ହୁଏ ଅବା ଉର୍ଦ୍ଧ୍ୱ ଲୋକରେ ସ୍ଥାନ ପାଏ। କିମ୍ବା ତାର ପୁନର୍ଜନ୍ମ ହୁଏ। ( ଅବଶ୍ୟ ବ୍ରହ୍ମ, ଆତ୍ମା, ଧର୍ମ ଏସବୁ ବୁଝିବା ପାଇଁ ସମ୍ୟକ୍ ଜ୍ଞାନ ଓ ସାଧନା ପ୍ରୟୋଜନ, ଯାହା ମୋର ନାହିଁ। ଏହା ମୋର ଧାରଣା) କିନ୍ତୁ, ଏହି ଜୀବନକୁ ଧାରଣ କରିଥିବା ଶ୍ରେଷ୍ଠ ଜୀବ ମାନବ, କିପରି ସୃଷ୍ଟି କରାଯିବ ?

ଏ ସୃଷ୍ଟି ନୀରସ ବୋଧ ହେଉଛି। ଏଠି ଆକର୍ଷଣ ନାହିଁ, ନାହିଁ ମାୟା, ନାହିଁ ଆସକ୍ତି, ନାହିଁ ବନ୍ଧନ, ନାହିଁ ସମ୍ମୋହନ ! ସବୁ ନିସ୍ତରଙ୍ଗ, ସ୍ଥବିର। ଏ ବିଶ୍ୱ ବ୍ରହ୍ମାଣ୍ଡ ଯେ ମହା ଜାଗତିକ, ମହାକର୍ଷଣ, ମାଧ୍ୟାକର୍ଷଣ ଶକ୍ତି ମାନଙ୍କର ଆକର୍ଷଣ ବଳରେ ପରସ୍ପର ସହ ସଲଗ୍ନ ଅଛନ୍ତି। ଯଦି ତାହା ନ ଘଟେ ପୃଥିବୀର ମାନେ କ'ଣ ? ମାୟାହୀନ ନିରାକାର ବ୍ରହ୍ମ ? କେବଳ ଏକ ମାତୃତ୍ୱ ? ପରଂବ୍ରହ୍ମ ହିଁ ସମସ୍ତ ? ଏତେ ନିରାଟ, ନିର୍ବିକାର ସତ୍ୟରେ କ'ଣ ପାର୍ଥିବତା ରହିପାରିବ ?

ଜଳ ତୀରରେ ଭାସମାନ ଅଛନ୍ତି ସେହି ଜେଲି,ଏମିବା, ସ୍ପଞ୍ଜ ଏବଂ ଏକ ମଧୁର ସ୍ୱାଦଯୁକ୍ତ କୀଟ ମଧୁ, କୈଟଭ। ହୁଏତ, ଏହି କୈଟଭ ମଧୁର ସ୍ୱାଦକୁ ଭକ୍ଷଣ କରୁଥିଲା କିମ୍ବା ଏଥି ମଧ୍ୟରୁ ଗୋଟିଏ ଜୋକ ଜାତୀୟ କୀଟ ଏବଂ ଅନ୍ୟଟି ମଧୁର ଅଂଶ ଭକ୍ଷୀ ଥିଲା।

ଏମାନଙ୍କର ଶ୍ରୁତି ଶକ୍ତି ନଥିଲା,ଦୃଷ୍ଟି ଶକ୍ତି ନଥିଲା। ସେମାନେ ସେହି ନବ ଅଙ୍କୁରିତ ସବୁଜ ଶୈବାଳ ଏବଂ ପ୍ରାଣୀ ମାନଙ୍କର ରକ୍ତଭକ୍ଷୀ ଥିଲେ। ସେମାନେ ଯେପରି ସେହି ଅନନ୍ତ ପରମାତ୍ମା ବିଶ୍ୱେଶଙ୍କର ଚକ୍ଷୁକୁ ବନ୍ଦ କରି ଦେଇଛନ୍ତି !

ଅନନ୍ତ ବିଶ୍ୱର କର୍ଣ୍ଣକୁ ରୁଦ୍ଧ କରି ଦେଇଛନ୍ତି ! ତେବେ ବାୟୁର ଧ୍ୱନି ଶକ୍ତିକୁ ଗ୍ରହଣ କରିବ କିଏ ? ସୂର୍ଯ୍ୟ ସୃଷ୍ଟିର ବର୍ଣ୍ଣଭରା ଦୃଶ୍ୟକୁ ଗ୍ରହଣ କରିବ କିଏ ? କେବଳ କଣ ନିଶ୍ୱାସ ଗ୍ରହଣ କରି ଖାଦ୍ୟ ଭକ୍ଷଣ କରିବା ହିଁ ଜୀବର ସାର୍ଥକତା ?

ଶବ୍ଦ ଅଛି, ଶ୍ରୁତି ନାହିଁ। ଦୃଶ୍ୟ ଅଛି, ଦୃଷ୍ଟି ନାହିଁ। ଶରୀର ଅଛି, ସଙ୍ଗମ ନାହିଁ। ଉତ୍ତାପ ଅଛି, ଉତ୍ତେଜନା ନାହିଁ। ବାୟୁ ଅଛି, ସ୍ପନ୍ଦନ ନାହିଁ। ତେବେ ସୃଷ୍ଟିର ସଫଳତା କେଉଁଠି ?

ବ୍ରହ୍ମ ସହିତ ମାୟା, ପ୍ରକୃତି ସହିତ ପୁରୁଷର ସଂଯୋଗ ହେବା ପ୍ରୟୋଜନ। ବ୍ରହ୍ମ ସହିତ ମାୟାର ମିଳନ ହେବା ଦରକାର ..... । (କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ସମ୍ପର୍କର ରଙ୍ଗ

# କାହାର ନିନ୍ଦାରେ ବିଚଳିତ ହୁଅନ୍ତୁ ନାହିଁ

ଶ୍ୱେତା ରାଉତ୍



ଏକଥା ଆମେ ସମସ୍ତେ ଜାଣୁ ଯେ ସବୁବେଳେ ଭଲ ଠାରୁ ମନ୍ଦ ଅଧିକ ପ୍ରଘଟ ହୁଏ।କାହାର ହଜାର ପ୍ରଶଂସା ମନେ ରହୁ କି ନରହୁ, କେହି ପଦେ ନିନ୍ଦା କରି କହିଦେଲେ ଆଦୌ ଭୁଲି ହୁଏନାହିଁ। ନକାରାତ୍ମକ ଉର୍ଜା ସବୁବେଳେ ସକରାତ୍ମକ ଉର୍ଜାକୁ ଦବେଇ ରଖିବାକୁ ଚାହେଁ। ଏହାଦ୍ୱାରା ବେଳେବେଳେ ଆମେ ଅନେକ ସମ୍ପର୍କକୁ ନଷ୍ଟ କରିଦେଇଥାଉ।ଯେତେବେଳେ ଆମ ହାତ କଟି ଯାଇଥାଏ, ଯନ୍ତ୍ରଣା ହେଉଥାଏ, ସେତେବେଳେ ସେ ଯନ୍ତ୍ରଣା ଥିବା ହାତରେ ଆମେ ହାଲୁକା କଲମଟିଏ ବି ଧରିଲେ ବି କଷ୍ଟ ହୁଏ। ଠିକ୍ ସେମିତି ଯେତେବେଳେ ଆମ ମନ ଭଲ ନଥାଏ, ମନରେ ଖୁବ୍ ରାଗ, କ୍ରୋଧ, ଯନ୍ତ୍ରଣା ଥାଏ, ଅନ୍ୟ କାହାର ସାମାନ୍ୟ କଥାରେ ବି ଆମେ କ୍ରୋଧିତ ହୋଇଥାନ୍ତି। ଫଳରେ ସାମ୍ନାବାଲା ଆମ ଯନ୍ତ୍ରଣା ଦେଖି ପରାନ୍ତିନି, ବରଂ ଆମ କଥାରେ ରାଗି ଯାଆନ୍ତି। କେହି କେବେ କାହାର ମନ ଦେଖିପାରନ୍ତିନି, ଦୁଃଖ ଦେଖିପାରାନ୍ତିନି, ଅସହାୟତା ଅନୁଭବ କରିପାରନ୍ତିନି, କିନ୍ତୁ ପିଡୀତ ବ୍ୟକ୍ତିର ପଦେ କଥାରେ ରାଗ ଅଭିମାନ କରିଦିଅନ୍ତି। ତେଣୁ ଏ ସଂସାରରେ ସମସ୍ତଙ୍କ ସହିତ ସହଜ ରହିବାକୁ ହେଲେ ଆମ ମନକୁ ହିଁ ସହଜ କରିବାକୁ ହେବ ଏବଂ ଏହା ଆମର ସୁବିଚାର ଦ୍ୱାରା ସମ୍ଭବ ହେବ।

ଆପଣ ଦେଖିବେ, ଆପଣଙ୍କର କୌଣସି ଜଣେ ବ୍ୟକ୍ତିଙ୍କ ସହିତ ରାଗ ରଷା, କଳି ଝଗଡ଼ା ହୋଇଥିବ,ଆଉ ସମସ୍ତଙ୍କ ସହିତ ସବୁକିଛି ଠିକ୍ ଠାକ୍ ଥିବ, ଭଲ ସମ୍ପର୍କ ଥିବ କିନ୍ତୁ ଆପଣ ସେହି ଜଣଙ୍କ ନିନ୍ଦା, ଅପମାନ, ଆକ୍ରୋଶକୁ ମନରେ ରଖି ବାରମ୍ବାର ଭାବି ଭାବି ଏତେ ବିରକ୍ତ ହୋଇଥିବେ ଯେ, ସେହି ସମୟରେ ଅନ୍ୟ କେହି ଭଲ କଥାଟିଏ କହିଲେ ବି ଆପଣ ଚିଡ଼ିଯିବେ। କାରଣ କୁବିଚାର, କ୍ରୋଧ ଆପଣଙ୍କୁ ଏତେ ଦୁର୍ବଳ କରିଦେଇଥିବ ଯେ, ଆପଣ ଛୋଟ କଥାଟିଏ ବି ସହନ କରିପାରିବେ ନାହିଁ, ଯେମିତି କଟି ଯାଇଥିବା ହାତରେ ହାଲୁକା କଲମଟିଏ ବି ଧରିବା କଷ୍ଟକର ହୋଇଥାଏ। ରାଗ, କ୍ରୋଧ, ଘୃଣା, ପ୍ରତିଶୋଧ ନେଇ ଆମେ କାହାକୁ ବଦଳେଇ ପାରିବେନାହିଁ, ବରଂ ଆମର ସୁବିଚାର କୁବିଚାରରେ ବଦଳିଯିବ। ସମ୍ପର୍କ କେବେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ନଥାଏ, ସମ୍ପର୍କ ସବୁବେଳେ ଆମ ବିଚାରରେ ଥାଏ। ବିଚାର ଭଲ ରଖିଲେ ସମ୍ପର୍କ ଭଲ, ବିଚାର ଖରାପ ରଖିଲେ ସମ୍ପର୍କ ଖରାପ।

ଆମେ ଆଶା କରୁଛେ ସାମ୍ନାବାଲା ବଦଳି ଯାଉ, ତା ପାଇଁ ମୋ ଜୀବନ ନର୍କ ହୋଇଗଲା, ସେ ମୋ ଦୁଃଖ, ଅଶାନ୍ତିର କାରଣ, ତା ବ୍ୟବହାର ପାଇଁ ମୁଁ ଚିଡି ଚିଡା ହୋଇଯାଉଛି, ମୋ ସହିତ ସେ ଅନ୍ୟାୟ କରିଛି, ମୋର ଆଉ ସହିବାର ଧାର୍ଯ୍ୟ ନାହିଁ ଇତ୍ୟାଦି। ଆମ ମସ୍ତିଷ୍କକୁ ସ୍ଥିର ରଖିବାକୁ କିଏ କାହିଁକି ବଦଳିବ ? ଆମେ ଦୁଃଖରେ କି ସୁଖରେ କାହାର କଣ ଯାଏ ! ଯାହାର ଯାହା ସଂସ୍କାର, ଆମେ ଅଯଥାରେ ତାଠୁ ଭଲ ଆଶା କରିବା ଅପେକ୍ଷା,କିଛି ଆଶା ନ କରି ନିଜକୁ ଧ୍ୟାନ ଦେଲେ ଭଲ। କେବଳ ଆମର ଛୋଟ ଛୋଟ ବିଚାରକୁ ବଦଳାଇବା। ଆମେ ଜଣଙ୍କ ବିଷୟରେ ଖରାପ ଚିନ୍ତା କଲେ ତାର ପ୍ରଭାବ ସେଇ ବ୍ୟକ୍ତି ଉପରେ ପଡ଼ିବ, ସେ ପୁଣି ଆମ ପାଇଁ ଖରାପ ଚିନ୍ତା ରଖିବେ। ଆମେ ପରସ୍ପର ସହିତ ଖରାପ ଉର୍ଜା ବାଣ୍ଟିବା ଦ୍ୱାରା ଉଭୟ ଆଡୁ କେବଳ ଘୃଣା ହିଁ ରହିବ।

ତେଣୁ ଅନ୍ୟ ସବୁ ସମ୍ପର୍କ ସହିତ ଭଲ ବ୍ୟବହାରରେ ଖୁସିରେ ରହିବାକୁ ହେଲେ, ଜଣଙ୍କ ଉପରେ ଥିବା କ୍ରୋଧକୁ ଭୁଲିବା ଉଚିତ୍।ତାଙ୍କ ବିଷୟରେ ଆଦୌ ମନରେ ଥରେ ବି ଭାବିବା ଠିକ୍ ନୁହେଁ।ଯିଏ ଯେମିତି କର୍ମ କରିବ, ତଦାନୁସାରେ ଫଳ ପାଇବ। ମନରେ ଘୃଣା ପାଳୁଥିବା ବ୍ୟକ୍ତି କେବେ ପ୍ରେମର ଉପଲବ୍ଧି କରିପାରିନା। ତେଣୁ ଯିଏ ଆପଣଙ୍କୁ ଘୃଣା କରୁଛି, ଆପଣଙ୍କ ଅପପ୍ରଚାର କରୁଛି, ଆପଣଙ୍କୁ ନିଚା ଦେଖାଉଛି, ତା ପାଇଁ ବି ଆପଣ କ୍ରୋଧ ନକରି ସ୍ମିତହାସ୍ୟଟିଏ ହସିଦେଇ ତାକୁ ତା ବାଟରେ ଛାଡି ଦିଅନ୍ତୁ। ତାଙ୍କ ଅବ୍ୟବହାରକୁ ମନକୁ ନେଇ ନିଜ ବିଚାରକୁ କଳୁଷିତ କରନ୍ତୁ ନାହିଁ। ଦେଖିବେ ସେ ଜଣକ ସିନା ଆପଣଙ୍କ ସହ ଖରାପ ହୋଇ ପାରନ୍ତି, କିନ୍ତୁ ଅନ୍ୟ ସବୁ ସମ୍ପର୍କ ସହିତ ଆପଣ ଖୁବ୍ ଖୁସିରେ ରହିପାରିବେ। ତେଣୁ କେବେ କାହାର ନିନ୍ଦାରେ ବିଚଳିତ ହୁଅନ୍ତୁ ନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### ଏଇ ବର୍ଷା ଭିଜା ରାତି...

ଲକ୍ଷ୍ମୀପ୍ରିୟା ପୃଷ୍ଟି



ନିଃସଙ୍ଗ ବେଳାର ନିଟୋଳ ମୋହଟେ
ଏଇ ବର୍ଷାଭିଜା ରାତି
ନହୁଲି ପଣ ତା ଶିଖେଇଛି ମୋତେ
ଜିଇଁବାର କଳାକୃତି ।

ନିମିଷକେ ଛୁଏଁ ମନ ବିଥିକାର
ତମୋମୟ ତୀର ଦେଶ
ନଥାଏ ତ ସେଠି ଅବଶର ଚିହ୍ନ
ଯହିଁ ଥାଏ ତା ପରଶ ।

ନାଚିଛି ବୋଲି ସେ ନିଶବଦ ପୁରେ
ଜୀବନଟା ଛନ୍ଦମୟ
ଆଙ୍କିଛି ବୋଲି ସେ ପ୍ରବଣତା ଭରେ
ଜୀବନଟା ରଙ୍ଗମୟ ।

ନୀରିଜିବ ପ୍ରାଣେ ସପନ ଭରିଛି
ଦେଇଛି ହୃଦୟ ପାତି
ନହୁଲି ପଣ ତା ଶିଖେଇଛି ମୋତେ
ଜିଇଁବାର କଳା କୃତି ।

ନିଥର ମାଟିରେ ଛୁଇଁଛି ଯେବେ ତା
ସେନେହର ସ୍ୱଚ୍ଛ ଧାରା
ନିଦାଘ ହାରିଛି ସେ ପରଶ ପାଶେ
ହସିଛି ଶୁଷ୍କ ଧରା ।

ନେଇଛି ହୃଦୟ ସରାଗେ ସାଉଁଟି
ମେଘ ମାଟିର ମହକ
ନାଇଛି ଆଖିରେ କଜଳ ପରିକା
ଭୁଲିଛି ଜୀବନ ଡହକ ।

++ଅଧ୍ୟାପିକା , ଦଶରଥପୁର,
ଯାଜପୁର,୭୫୫୦୦୧,
ମୋ: ୭୩୭୭୩୧୮୭୮୯

# ଅଗଷ୍ଟ ୪ରେ ଯାଜପୁର ରୋଡ଼-ଧାମରା ରେଳପଥ ମଞ୍ଜୁର ପାଇଁ ଦିଲ୍ଲୀ ସଂସଦ ସମ୍ମୁଖରେ ଗଣଧାରଣା

କୋରେଇ, ୨/୦୭ (ନି.ପ୍ର): ଗତ ୨୦୧୨-୨୦୧୩ ରେଳ ବଜେଟରେ ଯାଜପୁର ରୋଡ ଠାରୁ ଧାମରାକୁ ରେଳପଥ ସଂଯୁକ୍ତ କରିବା ପାଇଁ ସର୍ଭେ ହୋଇଥିଲା। ଏହି ସର୍ଭେ ଅନୁସାରେ, ୯୫.୯୫ କିଲୋମିଟର ପାଇଁ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପାଇଁ ଅଟକଳ ହୋଇଥିଲା। ଏହି ରେଳ ପଥ ସ୍ଥାପନ ହେଲେ ୨୭.୪୩ ଭାଗ ଲାଭ ରେଳବାଇକୁ ମିଳିବ। ସାଧାରଣତଃ ୧୨ ଭାଗ ଲାଭ ମିଳିଲେ ରେଳପଥ ପ୍ରତିଷ୍ଠା ପାଇଁ ରେଳବାଇ ନିଷ୍ପତି ନେଇଥାଏ। ଏହା ଛଡା ପୂର୍ବତଟ ରେଳପଥ ଜୋନ୍ ର ପ୍ରତିବର୍ଷକୁ୧୮ ହଜାର କୋଟି ଟଙ୍କା ରେଳ ବିଭାଗ ରାଜସ୍ୱ ଯାଇଥାଏ। ଦୁଇଟି ଜିଲ୍ଲାର ଦୁଇଟି ପର୍ଯ୍ୟଟନ କେନ୍ଦ୍ର ବ୍ୟତୀତ ଯାଜପୁର ଜିଲ୍ଲା ସଦର ମହକୁମାକୁ ରେଳ ସଂଯୋଗର ଗୁରୁତ୍ୱ ଥିବା ବେଳେ କେନ୍ଦ୍ର ସରକାର କାହାପାଇଁ କାହା ଦ୍ୱାରା ରେଳପଥ ପାଇଁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଏହା ବାସ୍ତବିକ ଦୁଃଖ ଓ ପରିତାପର ବିଷୟ ପାଲଟିଛି। ଏନେଇ ଗତ ବଜେଟରେ ବ୍ୟୟ ବରାଦ କରାନଯାଇଥିବାରୁ ଯାଜପୁର ରୋଡ଼, ଧାମରା ଭଦ୍ରକ ଠାରେ ଗତ ଫେବ୍ରୁଆରୀ ମାସରେ ରେଳରୋକ କରାଯାଇଥିଲା। ମାତ୍ର ରେଳବାଇ ରେଳପଥ ମଞ୍ଜୁରୀ ବଦଳରେ ନେତୃତ୍ୱ ବିରୁଦ୍ଧରେ ମାମଲା ରୁଜୁ କରି ଆନ୍ଦୋଳନକୁ ଦବାଇ ଦେବା ପାଇଁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ ପାଇଁ ଓ ତୁରନ୍ତ ପକଳ୍ପ ମଞ୍ଜୁରୀ ପାଇଁ ଆସନ୍ତା ଅଗଷ୍ଟ ୪ ତାରିଖରେ ଦିଲ୍ଲୀ ସଂସଦ ସମ୍ମୁଖରେ ଯାଜପୁରରୋଡ଼-ଧାମରା ରେଳପଥ ପକ୍ଷରୁ ଧାରଣା ଦିଆଯିବ। ଏଥି ପାଇଁ ସମସ୍ତ ପ୍ରସ୍ତୁତି ହୋଇସାରିଛି। ଏହି ଧାରଣାରେ ପାଣିକୋଇଲି ଅଂଚଳର ଗଣେଷ ସାହୁ, ଯୁବନେତା ରାକେଶ ସାହୁ, ମନ୍ମଥ କୁମାର ରାୟ, ମାଧବଚନ୍ଦ୍ର କୁଣ୍ଡୁ, ସୁରେଶ କୁମାର ସାହୁ, ଅଭୟ ଓଝା, ପ୍ରତିଶୁ ସାହୁ, ବ୍ରହ୍ମାନନ୍ଦ ବାରିକଙ୍କ ସମେତ ଯାଜପୁର ଟାଉନ ମଙ୍ଗଳପୁର ଅଂଚଳର ନେତା ଓ ସାଧାରଣ ଜନତା ଦଳ ବଳ ନିର୍ବିଶେଷରେ ଯୋଗଦେବା ସହ ଏହାକୁ ସଫଳ କରାଇବା ପାଇଁ ଡ଼. ନିର୍ମଳ ରଥ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସମ୍ବାଦ ଭାରତ -୨୦୪୭

କେନ୍ଦ୍ରାପଡ଼ା, ୨/୦୭ (ନି.ପ୍ର): ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରାଣାଳୟ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଯୁବ ସମ୍ବାଦ ଭାରତ ୨୦୪୭ ଅନୁଷ୍ଠିତ ହୋଇଯାଇଛି । ଇନ୍ଦୁପୁର ସ୍ଥିତ ବିରୂପା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅମୃତକାଳ ଯୁଗରେ ଭାରତର ଦର୍ଶନ ୨୦୪୭ ସଂପର୍କରେ ଦେଶର ଯୁବପିଢ଼ିଙ୍କୁ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ଦେଶ ଆଜାଦିକା ଅମୃତ ମହୋତ୍ସବ ସ୍ୱାଧିନତାର ୭୫ ତମ ବର୍ଷ ପାଳନ କରୁଥିବା ବେଳେ ଦେଶର ସ୍ୱର୍ଣ୍ଣିମ ଇତିହାସ, ଲୋକକଳା, ସଂସ୍କୃତି ଓ ସଫଳତାର ଗାରିମାମୟ ଉପଲବ୍ଧି ବିଷୟରେ ପଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧିନତା ଦିବସ ଅଭିଭାଷଣରେ ପଂଚପ୍ରାଣର ମନ୍ତ୍ର ଘୋଷଣା କରିଥିଲେ। ବିକଶିତ ଭାରତ, ଗୋଲାମୀ ମାନସିକତାରୁ ସମ୍ପୂର୍ଣ୍ଣ ମୁକ୍ତି, ଆମର ଗୌରବଶାଳୀ ଅତୀତକୁ ସମ୍ମାନ ଜଣାଇବା, ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରତି ପ୍ରତିବଦ୍ଧତା ଓ ନାଗରିକ ମାନଙ୍କ ମଧ୍ୟରେ କର୍ତବ୍ୟ ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ରହିଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ମେଜର ଭରତ ଚନ୍ଦ୍ର ଜେନା ଓ ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଗୋଲି ତିରୁପତି ରେଡ୍ଡି, ବିରୂପା ମହାବିଦ୍ୟାଳୟର ଡ଼ଃ ସଂଗ୍ରାମ କେଶରୀ ରାଉତ, ସରପଂଚ ପ୍ରଦିପ ରଞ୍ଜନ ସୁତାର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଦେବାଶିଷ ସାମଲ, ଭାସ୍କର ଚନ୍ଦ୍ର ବେହେରା, ପ୍ରକାଶ କୁମାର ଜେନା, କ୍ରୀଡା ଶିକ୍ଷକ ଜ୍ୟୋର୍ତିମୟ ଦାସ ପ୍ରମୁଖ ଯୋଗ ଦେଇଥିବାବେଳେ ନିଳମାଧବ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷ ଜମିରେ ଜଳ ନିଷ୍କାସନ ପାଇଁ ଦାବି

କେନ୍ଦ୍ରାପଡ଼ା, ୨/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପଂଚାୟତ ଅଧିନସ୍ଥ କନ୍ତିଆ ଏବଂ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ପଂଚାୟତ ଅନ୍ତର୍ଗତ ମାହାରାକୂଳ, ଦିଆନପାଟଣା, ଅମୃତମଣୋହି ପାଟଣାର ଶତାଧିକ ଗ୍ରାମବାସୀମାନେ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଦାବି କରିଛନ୍ତି । ଦାବି ମୁତାବକ କନ୍ତିଆପାଟର ଚାଷ ଜମିରୁ ଜଳ ନିଷ୍କାସନ ହୋଇ ନପାରିବାରୁ ସଂପୂର୍ଣ୍ଣ ଚାଷଜମି ଜଳମଗ୍ନ ହୋଇ ବୁଡିରହିଛି । ଯାହାଦ୍ୱାରା ଚାଷ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇ ପଡିଛି । ସେହିଭଳି ଆଇତିପୁର ପାଟର ଚାଷ ଜମିକୁ ଜଳ ପ୍ରବେଶ କରିପାରୁ ନାହିଁ । ସ୍ଥାନୀୟ ଅଂଚଳର ଚାଷୀ ଜଳ ନିଷ୍କାସନ ଓ ପ୍ରବେଶ ପଥକୁ ମାଟି ପକାଇ ବନ୍ଦ କରି ଦେଇଥିବାରୁ ଶହ ଶହ ଏକର ଫସଲ ଜମିରେ ଫସଲ ନହୋଇ ଜଳମଗ୍ନ ହେବା ସହ ଆଉ କେତେକ ଚାଷ ଜମିରେ ପଡିଆ ପଡି ରହିଛି । ତୁରନ୍ତ ଏହି ଜଳ ପ୍ରବେଶ ପଥକୁ କଟାଯାଇ ମାଟି ଉଠାଇବା ପାଇଁ ଅଭିରାମ ବେହୁରା, ପ୍ରଦିପ କୁମାର ବେହୁରା, ନିରଞ୍ଜନ ନାୟକ, ଦାମୋଦର ବେହେରା, ପ୍ରକାଶ ଚନ୍ଦ୍ର ଦଳାଇ, ନିତ୍ୟାନନ୍ଦ ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଦାବି କରିଛନ୍ତି ।

# ବ୍ରିଜ ନିର୍ମାଣ ହେବ କେବେ ? : ନାଗପଡା ପଂଚାୟତ ବାସୀଙ୍କ ବର୍ଷା ମାସର ଦୁଃଖ କହିଲେ ନସରେ

ନୂଆପଡ଼ା, ୨/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ନାଗପଡା ଗ୍ରାମ ପଂଚାୟତ। ଏହି ପଂଚାୟତର ଅଧିକାଂଶ ବ୍ୟକ୍ତି ଆଦିବାସୀ ପରିବାରର। ପଂଚାୟତର ଖୋଲିଭିତର ଓ ଭୁଇଁପାଣି ଗାଁ ସହ ଦୁଇ ପଡା ଗ୍ରାମର ଲୋକେ ଅକଥନୀୟ ଦୁଃଖ ଭୋଗ କରୁଛନ୍ତି। ଏମାନଙ୍କ ଦୁଃଖ ହେଲା ଇନ୍ଦ୍ର ନଦୀ।ଭୂଇଁପାଣି ଗ୍ରାମ ପାଖେ ଯାଇଥିବା ଇନ୍ଦ୍ରନଦୀ କପାଟଦୋରୋ ନାମକ ସ୍ଥାନରେ ବୁଲିକି ପୁଣିଥରେ ଯାଇଛି। ବୁଲାଣି ଜାଗାରେ ପର୍ଯ୍ୟଟନ ସ୍ଥଳୀ ଉପକା ଗଙ୍ଗା ଥିବାରୁ ସେହି ସ୍ଥାନକୁ ଉପକାଗଙ୍ଗା ଘାଟ କୁହାଯାଏ। ଫଳରେ ଖୋଲି ଭିତର ଗ୍ରାମବାସୀ ଏହି ବୁଲାଣି ନଇଁରେ ଥରେ ପାର ହେଉଥିବା ବେଳେ ବାକି ତିନିଖଣ୍ଡ ଗ୍ରାମର ଲୋକେ ଦୁଇଥର ନଦୀ ପାର ହୁଅନ୍ତି। ନଦୀ ପାଇଁ ଏମାନଙ୍କ ଦୁଃଖ କହିଲେ ନସରେ। ପିଡ଼ିଏସ ଚାଉଳ, ଭତା ଓ ବିଭିନ୍ନ କାମରେ ଗ୍ରାମ ପଂଚାୟତ ଆସିବାକୁ ପଡେ। ପାଣି ସୁଅ କମ ଥିଲେ ପିଡ଼ିଏସ ପାଇଁ ଆସନ୍ତି ଓ ଥରେ ଚାଉଳ ନେଇ ଆର ପାରିରେ ରଖିଲା ପରେ ପୁଣିଥରେ ସାଇକେଲ ନେଇ ପାର ହୁଅନ୍ତି। ପାଣି ବଢିଲେ ଦୁଇ ତିନି ମାସ ଜଳବନ୍ଦୀ ଜୀବନ ଜିଇଁବାକୁ ପଡ଼େ। ସେହି ସମୟରେ ଭଗବାନ ହିଁ ସେମାନଙ୍କ ଭରସା। ସେହିପରି କେହି ରୋଗରେ ପଡିଲେ କିବା ପ୍ରସବ ଯନ୍ତ୍ରଣା ପାଇଲେ ଦୋଳାରେ ବୋହି ପାର କରାଇବାକୁ ହୁଏ ଓ ଉପକା ଗଙ୍ଗା ଘାଟରୁ ଆମ୍ବୁଲାନ୍ସ କିବା ଭଡା ଗାଡ଼ିରେ ଡାକ୍ତରଖାନା ନେବାକୁ ପଡେ। ସେହିପରି ବୃଦ୍ଧବୃଦ୍ଧା ମାନେ ଭତା ପାଇଁ ନଦୀ ପାର ହେଉଥିବା ଦୃଶ୍ୟ ଦୁଃଖ ଦାୟକ ନିଶ୍ଚୟ। ନଦୀ ପାଇଁ ଅଧିକାଂଶ ଶିଶୁ ହାଇସ୍କୁଲ ଯାଇ ପାରନ୍ତି ନାହିଁ। ଅବଶ୍ୟ ଆଦିବାସୀ ଛାତ୍ରଛାତ୍ରୀ ମାନେ ନାଗପଡାରେ ଥିବା ହଷ୍ଟେଲରେ ରହନ୍ତି। ଗ୍ରାମବାସୀ ମାନେ ବୋଡ଼େନ କିବା ନୂଆପଡା ଯିବାକୁ ନାନା ଅସୁବିଧା ଭୋଗ କରୁଥିବା ବେଳେ ସରକାରୀ ସୁବିଧାସୁଯୋଗ ରୁ ବଂଚିତ ହେଉଛନ୍ତି। ମୋବାଇଲ ନେଟଓ୍ୱାର୍କ ନଥିବାରୁ ବାହାର ଲୋକଙ୍କ ସହ ସମ୍ପର୍କ ଯୋଡି ହୁଏ ନାହିଁ। ବିଜୁ ସେତୁ ଯୋଜନାରେ ନଦୀ ଉପରେ ପୋଲ ନିର୍ମାଣ କରି ଲୋକଙ୍କୁ ଅନ୍ୟ ଗ୍ରାମ ସହ ଯୋଡିବାକୁ ସରକାର ଚେଷ୍ଟା କରୁଛନ୍ତି। କିନ୍ତୁ, ଏହି ଗ୍ରାମବାସୀ ମାନେ ଶହ ଶହ ବର୍ଷ ଧରି ଜଳବନ୍ଦୀର ଜୀବନ ବଂଚୁଥିଲେ ମଧ ସରକାର ଶୁଣୁ ନାହାନ୍ତି। ଉପକା ଗଙ୍ଗା ତଳେ ଏକ ବ୍ରିଜ ନିର୍ମାଣ ପାଇଁ ଭୂମି ପୂଜନ ସରିଥିଲେ ମଧ ସେହି ବାଟ ଦେଇ ନାଗପଡା ଆସିବାକୁ ଦୂର ପଡୁଥିବାରୁ ଲୋକେ ଭୂଇଁ ପାଣି ଘାଟ ଓ ଉପକାଗଙ୍ଗା ଘାଟରେ ବ୍ରିଜ ନିର୍ମାଣ ପାଇଁ ଦାବି କରୁଛନ୍ତି। ଏନେଇ ଅଧିକ୍ଷଣ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିବା ବେଳେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଏନେଇ ସେ ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ବିଭାଗୀୟ କର୍ମକର୍ତାଙ୍କୁ ଚିଠି ଲେଖିଥିବା କହିଛନ୍ତି ଓ ଶୀଘ୍ର ଏହି ସ୍ଥାନରେ ବ୍ରିଜ ନିର୍ମାଣ ଦାବି କରିଛନ୍ତି।

# ସ୍ୱାଭିମାନ ଅଂଚଳର ବଡପଦର ଗ୍ରାମପଂଚାୟତରେ ନିଯୁକ୍ତି ସୃଷ୍ଟି ଏବଂ ଦକ୍ଷତା ବିକାଶ ତାଲିମ ଶିବିର

ମାଲକାନଗିରି, ୨/୦୭ (ନି.ପ୍ର): ରାଜ୍ୟର ଯୁବଗୋଷ୍ଠୀଙ୍କୁ ସଶକ୍ତ ଏବଂ ଦକ୍ଷ କରିବା ପାଇଁ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନେକ ପଦକ୍ଷେପ ନେଉଛନ୍ତି। ସେହି ପରୀପ୍ରେକ୍ଷୀରେ ଆଜି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ମାଲକାନଗିରି ବିଏସଏଫ ଶାଖାର ମିଳିତ ଆନୁକୁଲ୍ୟରେ ସ୍ୱାଭିମାନ ଅଂଚଳ ଚିତ୍ରକୋଣ୍ଡା ବ୍ଲକର ବଡପଦର ଗ୍ରାମପଂଚାୟତ ଠାରେ ଯୁବକଯୁବତୀଙ୍କ ନିଯୁକ୍ତି ସୃଷ୍ଟି ଏବଂ ଦକ୍ଷତା ବିକାଶ ତାଲିମ ପ୍ରଦାନ ନେଇ ସଚେତନତା ସୃଷ୍ଟି କରିବା ନିମନ୍ତେ ପଂଚମ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଛି। ବିଭିନ୍ନ ବର୍ଗର ୧୪୨ ଜଣ ଯୁବକଯୁବତୀ ଏହି କ୍ୟାମ୍ପରେ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ୮୮ ବାଟାଲିୟନ କମ୍ପାନୀ ଅପରେଟିଂ ବେସ୍ ର କମାଣ୍ଡିଙ୍ଗ ଅଫିସର ଶ୍ରୀ ବିନୋଦ ସରିନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ସରିନ ଶିଳ୍ପ, ବିଏସଏଫ ଏବଂ ସେନା ବାହିନୀରେ ରହିଥିବା ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିଥିଲେ ଓ ଦଶମ ଶ୍ରେଣୀ ପରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ରହିଥିବା ସୁଯୋଗ ବିଷୟରେ ଯୁବକଯୁବତୀଙ୍କୁ ଅବଗତ କରାଇଥିଲେ। ସେ ଯୁବକଯୁବତୀଙ୍କୁ ଆଗକୁ ଆସି ସରକାରଙ୍କ ପ୍ରାୟୋଜିତ ପ୍ଲେସମେଂଟ ଲିଙ୍କଡ ଟ୍ରେନିଂ ପ୍ରୋଗ୍ରାମ ଭଳି ଯୋଜନାରେ ଦକ୍ଷତା ତାଲିମ ନେଇ ସ୍ୱାବଲମ୍ବୀ ହେବା ପାଇଁ ଅନୁପ୍ରାଣୀତ କରିଥିଲେ। ସିପେଟ୍ ଓ ଗ୍ରାମ ତରଙ୍ଗ ଅନୁଷ୍ଠାନର ପ୍ରଶିକ୍ଷକ ନିଯୁକ୍ତି ଏବଂ ପ୍ଲେସମେଂଟ ଲିଙ୍କ ଟ୍ରେନିଂ ପ୍ରୋଗ୍ରାମ ପାଇଁ କାଉନସେଲିଂ କରିଛନ୍ତି। ଯୋଗ୍ୟତା ଥିବା ଯୁବକଯୁବତୀଙ୍କୁ ଆଇଟିଆଇ ଏବଂ ପଲିଟେକନିକ୍ରେ ନାମ ଲେଖାଇବା ପାଇଁ ସେହି ଅନୁଷ୍ଠାନର ପ୍ରଶିକ୍ଷକମାନେ କାଉନସେଲିଂ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବଡପଦର ସରପଂଚ ଶ୍ରୀମତୀ ସ୍ୱପ୍ନା ଖିଲ, ଦୋରାଗୁଡ଼ା ସରପଂଚ ଶ୍ରୀମତି ଭଗବତୀ ନାୟକ, ଡେପୁଟି କମାଣ୍ଡାଂଟ, ଶ୍ରୀ ଶୁଭଞ୍ଜନ ମହାପାତ୍ର, ଡେପୁଟି କମାଣ୍ଡାଂଟ ୮୮ ବାଟାଲିୟନ, ସୁରେନ୍ଦର୍ ସିଂ, ଜିଲ୍ଲା ନିୟୋଜନ ଅଧିକାରୀ, ଶ୍ରୀ ମନସ୍ୱୀ ସେଠୀ, ଜିଲ୍ଲା ଯୁବ ଅଧିକାରୀ, ଶ୍ରୀ ହରିଶ ରୁପଲ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର, ଶ୍ରୀ ସୋମନାଥ କୁମ୍ଭାର ଉପସ୍ଥିତ ଥିଲେ।

# ବାଇକ୍ ସହ ୪୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ : ଦୁଇ ଗିରଫ

ଗଞ୍ଜାମ, ୨/୦୭ (ନି.ପ୍ର): ଦିଗପହଣ୍ଡି ଥାନା ଅଧିନ ବ୍ରହ୍ମପୁର ରାସ୍ତାର ପିତାମ୍ବରପୁର ଛକ ନିକଟରୁ ପୋଲିସ ଏକ ବାଇକ୍ ଓଡ଼ି୦୭-ଟି୫୬୪ ୨ରୁ ୪୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଶଙ୍କରାଖୋଲି ଗ୍ରାମର ପ୍ରଭାକର ପ୍ରଧାନ ଏବଂ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଡିପସାହିର କେ. ରବି କୁମାର । ଅଭିଯୁକ୍ତ ଦ୍ୱୟ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ପୋଲିସ ବାଇକ୍ ପିଛା କରିଥିଲା । ପିତାମ୍ବରପୁର ଛକରେ ବାଇକ୍ ଅଟକାଇ ଯାଂଚ୍ କରିବା ବେଳେ ବାଇକ୍ ରେ ଗଞ୍ଜେଇ ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲା । ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା । ସେଥିରେ ୪୩ କେଜି ୯୩୦ ଗ୍ରାମ୍ ଗଞ୍ଜେଇ ରହିଥିବା ବେଳେ ଯାହାର ଆନୁମାନିକ ବଜାର ଦର ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଦିଗପହଣ୍ଡି ଥାନାରେ ଏ ସଂକ୍ରାନ୍ତରେ ୨୭୩/ ୨୩ ରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଦିପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

# ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲର ସଫଳତା

ବଲାଙ୍ଗୀର, ୨/୦୭ (ନି.ପ୍ର): କୋଲକତାର ନେତାଜୀ ଇନଡୋର ଷ୍ଟାଡିୟମରେ ଦୁଇ ଦିନ ୨୯ ଓ ୩୦ ଜୁଲାଇ ଧରି ହୋଇଥିବା ୭ତମ ଆର୍ନ୍ତଜାତୀୟ କରାଟେ ପ୍ରତିଯୋଗିତା ଇଣ୍ଡିଆ ଚେଲେଞ୍ଜର କପ ୨୦୨୩ ରେ ଭାରତ ସହିତ ବଙ୍ଗଳାଦେଶ, ଶ୍ରୀଲଙ୍କା, ଭୁଟାନ, ମାଲେସିଆ, ନେପାଳ, ଇରାନ, ସାଉଦି ଆରବ ୮ ଗୋଟି ଦେଶରୁ ମୋଟ ୫୨୯୩ ଜଣ କରାଟେ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଆଲ ଇଣ୍ଡିଆ ସୁଉକି ସିଟୁ ରିୟୁ କରାଟେ ଡୁ ଫଡେରସନ ଆୟୋଜନ କରିଥିବା ବେଳେ ପ୍ରତିଯୋଗିତାକୁ ସଂଗଠକ ସଭାପତି ପ୍ରେମଜିତ ସେନ, ସଂପାଦକ ଜୟଦେବ ମଣ୍ଡଳ, ମୁଖ୍ୟ ରେଫରି ବାଳକ୍ରିଷ୍ଣା ଦମନି ଓ ଟୁର୍ଣ୍ଣାମେଂଟ ସଂଚାଳକ ବାପାଦ୍ୟିତ ନନ୍ଦି ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲା ବଲାଙ୍ଗିର କରାଟେ ସ୍କୁଲର ୧୦ ଜଣ କରାଟେକା ଅଂଶଗ୍ରହଣ କରିଥିବାବେଳେ ୬ ବର୍ଷ ବାଳିକା ବର୍ଗ କାତାରେ ଆନନ୍ଦିତା ସାହୁ ସ୍ୱର୍ଣ୍ଣ, ୧୦ ବର୍ଷ ବାଳିକା ବର୍ଗରେ ହର୍ଷିତା ସିଂ କତା ଓ କୁମିତିରେ ସ୍ୱର୍ଣ୍ଣ, ୧୧ ବର୍ଷ ବାଳକ ବିଭାଗରେ ଲୋକେଶ ବାଗ କାତାରେ ସ୍ୱର୍ଣ୍ଣ ଓ କୁମିତିରେ ରୌପ୍ୟ, ଆୟୁଷ ରଂଜନ ମେହେର କାତା କୁମିତରେ ୨ଟି ସ୍ୱର୍ଣ୍ଣ, ଆୟୁଷି ସିଂ ବାରିକ ୧୨ ବର୍ଷ ବାଳିକା ବର୍ଗ କାତାରେ କାଂସ୍ୟ, ଅନୁଷ୍କା ପଟ୍ଟନାୟକ କାତାରେ ସ୍ୱର୍ଣ୍ଣ, ତମନ୍ନା ମେହେର କାତା ଓ କୁମିତିରେ ୨ଟି ସ୍ୱର୍ଣ୍ଣ, ଅଭିପ୍ସା ହୋତା ୧୩ ବର୍ଷ ବାଳିକା ବିଭାଗ କାତାରେ ସ୍ୱର୍ଣ୍ଣ କୁମିତିରେ ରୌପ୍ୟ, ସେହିପରି ୧୪ ରୁ ୧୫ ବର୍ଷର୍ ବାଳକ ବିଭାଗରେ ଆଦିତ୍ୟ ସିଂ ବାରିକ କାତାରେ ରୌପ୍ୟ, କ୍ରିଷ୍ଣା ନାଏକ କାତାରେ ରୌପ୍ୟ ଏବଂ ୧୧ ରୁ ୧୩ ବର୍ଷ ବାଳିକା ସବ୍ ଜୁନିୟର ବିଭାଗରେ ଟିମକାତାରେ ରୌପ୍ୟ ମୋଟ ୧୮ ଟି ପଦକ ହାସଲ କରି ବଲାଙ୍ଗିର ଜିଲ୍ଲା ଓଡିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି । ମୁଖ୍ୟ କୋଚ ତଥା ବଲାଙ୍ଗିର କରାଟେ ସ୍କୁଲର ସଂପାଦକ ହୃଦୟ ଶବର ଓ ଚନ୍ଦ୍ରଶେଖର ସେଠ ରେଫରି ଓ ଜଜ୍ ର କାର୍ଯ୍ୟ ତୁଲାଇଥିଲେ । କରାଟେ ସ୍କୁଲ ସହିତ ଟିମ୍ ମ୍ୟାନେଜର ମନ ଗୋବିନ୍ଦ ମେହେର, ଟିମ୍ କୋଚ ପୁରୁଷୋତମ ବାଗ ଓ ରାଜେନ୍ଦ୍ର ବାଗ କୋଲକତା ଅଭିମୁଖେ ୨୭ ତାରିଖରେ ଯାତ୍ରା କରିଥିଲେ। ଆଜି ସମସ୍ତ ପ୍ରତିଯୋଗିମାନେ ବଲାଙ୍ଗିର ଫେରିଥିବା ବେଳେ ବଲାଙ୍ଗିର ରେଲ ଷ୍ଟେସନ ଠାରେ ବଲାଙ୍ଗିର କରାଟେ ସ୍କୁଲର ସଭାପତି, କୋଷାଧକ୍ଷ, ଉପସଭାପତି, ସହ ସଂପାଦକ, ଅଭିଭାବକ ଏବଂ ଖେଳପ୍ରେମୀ ଭବ୍ୟ ସ୍ୱାଗତ କରି ଅଭିନନ୍ଦନ ଜଣାଇଥିଲେ।

# ପାଟଣା ଇଷ୍ଟଦେବୀ ବର୍ଷା ପାଣିରେ ଉବୁଡୁବୁ: ଦେବାଳୟ ଅସୁରକ୍ଷିତ

ବଲାଙ୍ଗୀର, ୨/୦୭ (ନି.ପ୍ର): ଐତିହାସିକ ସମ୍ପର୍ଣ୍ଣ ବଲାଙ୍ଗିର ସହର ଏଠି କେଉଁ ଆଦିମ କାଳରୁ ଦେବୀ ଦେବା ପୂଜା ପାଇ ଆସୁଛନ୍ତି। ଏଠିକାର ଲୋକେ ଦେବା ଦେବୀଙ୍କ ଆସ୍ଥାକୁ ଘୋର ବିଶ୍ୱାସ ରଖନ୍ତି। କିନ୍ତୁ ବଲାଙ୍ଗୀରରେ ସ୍ଥିତ ଦେବାଳୟର ଅବସ୍ଥା ଅସୁରକ୍ଷିତ ଥିବାରୁ ଭକ୍ତମାନଙ୍କ ଭିତରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୀର୍ଘ ବର୍ଷରୁ ଜନସାଧାରଣ ମନ୍ଦିର ସୁରକ୍ଷା ପାଇଁ ଦାବି କରି ଆସୁଥିବା ବେଳେ ଏହାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଫଳରେ ବର୍ଷା ଦିନେ ମନ୍ଦିର ଭିତରକୁ ବର୍ଷା ପାଣି ପସି ଯାଉଛି ଓ ଭକ୍ତମାନେ ମା'ଙ୍କ ଦର୍ଶରୁ ବଂଚିତ ହେଉଛନ୍ତି। ପାଟଣା ଶାସନର ଇଷ୍ଟଦେବୀ ୧୮୭୨ରୁ ୧୯୦୨ ମସିହାରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ଦଳ ଗଞ୍ଜନ ସିଂହଦେଓଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଗୋପାଳଜୀ ମନ୍ଦିର ୧୮୯୬ ଓ ସମଲେଇ ମନ୍ଦିର ୧୯୧୫ ମସିହା ପୃଥିରାଜ ସିଂଦେଓଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଏବେ ସେହି ମନ୍ଦିରଗୁଡିକ ରକ୍ଷଣା ବେକ୍ଷଣ ଅଭାବରୁ ମନ୍ଦିର ଛାତ ଫାଟି ପାଣି ଝରୁଛି ଓ ରାସ୍ତା ପାଣି ପସି ଯାଉଥିବାରୁ ଦେବାଦେବୀ ଅସୁରକ୍ଷିତ। ଏହାକୁ ନେଇ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରକ୍ଷଣାବେକ୍ଷଣ ନ ହେଲେ ସମସ୍ତ ମନ୍ଦିର ଅବସ୍ଥା ବିପଦଜନକ ହୋଇପଡିବ। ଏହି ପରିସ୍ଥିତିରେ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମେତ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆ ନ ଯାଇ ବିଭିନ୍ନ ରାଜନୈତିକ ଦଳ ଓ ନେତା କେବଳ ଦାବୀ ଓ ପ୍ରତିଶୃତିରେ ଜନତାଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଉପ-ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବ ଓ ବଲାଙ୍ଗୀର ଜିଲ୍ଲାଙ୍କ ଜରିଆରେ ଦାବି ପ୍ରଦାନ କରାଯାଇଛି। ବଲାଙ୍ଗୀର ପାଟଣା ଇଷ୍ଟଦେବି ମନ୍ଦିରରେ ବର୍ଷାରେ ନର୍ଦ୍ଦମା ପାଣି ଓ ଗୋମୁଚ ଘରେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ଦାବି ଓ ରୋଷଇ ଘର ଅତିଶିଘ୍ର ନିର୍ମାଣ ଦାବି, ବଲାଙ୍ଗିର ମାଁ ସମଲେଶ୍ୱରୀ ମନ୍ଦିର ଗତ ୨୦୨୧ରେ ଭୁଷୁଡି ପଡିଥିବାରୁ ୧୦ ଲକ୍ଷ ଟଙ୍କାର ଚାଦର ନିର୍ମାଣ ହୋଇଥିବାରୁ ବର୍ଷା ପାଣିରେ ମା'ଙ୍କ ମନ୍ଦିରରେ ଗମୁଜ ବର୍ଷା ପାଣିରେ ଫାଟ ସୃଷ୍ଟି ହୋଇଛି ଏବଂ ମାଁ ପାର୍ଶ୍ୱ ଦେବାଦେବୀ ଭାଙ୍ଗି ଯାଇଥିବାରୁ ନୂତନ ସ୍ଥାପନ କରିବାକୁ ଦାବି। ଦେବୋତର ବିଭାଗର ଗୋପାଳଜୀ ମନ୍ଦିର ଯାହା ଏବେ ବର୍ଷା ପାଣିରେ ଗୁମୁଜ ଓ ଗର୍ଭଗୃହରେ ଫାଟ ସୃଷ୍ଟି ହେଲାଣି, ପୂଜକଙ୍କ ଘର ବିପଦ ଅବସ୍ଥାରେ ଏବଂ ତିନି ମନ୍ଦିର ନାଁ ପାର୍କିଂ ବ୍ୟବସ୍ଥା, ନାଁ ନାଳ ବ୍ୟବସ୍ଥା ନଥିବାରୁ ମା'ଙ୍କ ମନ୍ଦିର ବର୍ଷାବେଳେ ଉବୁଟୁବୁ ଅବସ୍ଥାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ମନ୍ଦିରଗୁଡିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ସହ ମନ୍ଦିର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଦେବାଳୟ ସୁରକ୍ଷା କମିଟିର ଆବାହକ ପ୍ରଶାନ୍ତ ମହାକୁର, ସୂଚନା ଅଧିକାର କର୍ମୀ ଶମ୍ଭୁ ପ୍ରସାଦ ଶତପଥି, ସ୍ୱାଭିମାନ ପରିବାର ସଭାପତି ରମ୍ୟ ରଂଜନ ସାହୁ, ନାଗରିକ କମିଟିର ମନ ପୁରୋହିତ ଓ ରିଣ୍ଟୁ ସାହୁ ଉପସ୍ଥିତ ଥିଲେ।

# ଡ.ସଦାନନ୍ଦ ଅଗ୍ରୱାଲ ଜଣେ ମାନବବାଦୀ ବିଚାରାଧାରାର ମଣିଷ ଥିଲେ

ବଲାଙ୍ଗୀର, ୨/୦୭ (ନି.ପ୍ର): ଓଡିଶାର ପ୍ରଖ୍ୟାତ ଐତିହାସିକ, ଗବେଷକ, ଲିପିତତ୍ୱବିଦ, ସାମ୍ବାଦିକ, ଗାଳ୍ପିକ ତଥା ମହିମାଭକ୍ତ ମହିମାଶ୍ରୀ ଡ.ସଦାନନ୍ଦ ଅଗ୍ରୱାଲ ସନ୍ଥକବିଙ୍କ ଜଣେ ପରମଭକ୍ତ ଥିଲେ। ସେ କେବଳ ଜଣେ ସନ୍ଥଙ୍କର ଭକ୍ତ ନଥିଲେ ବରଂ ନିଜେ ଜଣେ ମାନବବାଦ ବିଚାରାଧାରାର ମଣିଷ ମଧ ଥିଲେ। ସେଥିପାଇଁ ଭୀମଭୋଇଙ୍କ ମାନବବାଦୀ ବାଣୀକୁ ପ୍ରଚାର ପ୍ରସାର କରିପାରୁଥିଲେ। ସେହିପରି ପାଠପଢାରେ କଲେଜ ମାଡିନଥିଲେ ଥିଲେ ମଧ ଲିପିତତ୍ୱ, ଶିଳାଲେଖ, ତାମ୍ରଫଳକର ପାଠୋଦ୍ଧାରରେ ନିଜର ମୌଳିକ ଗବେଷଣାର ପରାକାଷ୍ଠା ଦେଖାଇ ପାରିଥିଲେ। ଅନେକଗୁଡିଏ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ହୋଇ ଏହି ଅଂଚଳରେ ଶିକ୍ଷାର ବିକାଶରେ ନିଜେ ଜଣେ ଆଲୋକବର୍ତିକା ସାଜିଥିଲେ। ନବେ ଦଶକରେ ରକତ ଭଳି ଡ୍ରାମା ଲେଖି ସାମ୍ପ୍ରଦାୟୀକ ସଦଭାବ ପ୍ରଦର୍ଶନ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ବୋଲି ଆଜି ଡ.ସଦାନନ୍ଦ ଅଗ୍ରୱାଲଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକରେ ଅତିଥିଗଣ ମତବ୍ୟକ୍ତ କରିଥିଲେ। ସଦାନନ୍ଦ ଅଗ୍ରୱାଲ ସ୍ୱର୍ଗତ ଡ.ହରେକୃଷ୍ଣ ମହତାବ, ଡ.ନବୀନକୁମାର ସାହୁଙ୍କ ଭଳି ବ୍ୟକ୍ତିଙ୍କ ସାନ୍ନିଧରେ ଆସି ଐତିହାସିକ ଗବେଷଣା କରିଥିଲେ। ମହର୍ଷିବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ ଠାରେ ମହାବିଦ୍ୟାଳୟ ଓ ସଦାନନ୍ଦ ଅଗ୍ରୱାଲ ସ୍ମୃତିକମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ତରଭା ବ୍ଲକର ଅଧ୍ୟକ୍ଷ ସରୋଜକୁମାର କମ୍ପ,ସମ୍ମାନୀତ ଅତିଥି ଭାବରେ ଭୀମଭୋଇ ସମାଧିପୀଠ ଟ୍ରଷ୍ଟର ମେନେଜିଂଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, କଲେଜ ପରିଚାଳନା କମିଟିର ନାରାୟଣ ଝାଙ୍କର, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଚିଦାନନ୍ଦ ରଥ ଓ ମୁଖ୍ୟବକ୍ତା ଭାବରେ ଓଟିଭିର ପଶ୍ଚିମ ଓଡିଶା ବ୍ୟୁରୋଚିଫ ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ଯୋଗ ଦେଇଥିଲେ। ଏମବିଆର ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବାଳଗୋପାଳ ପଣ୍ଡାଙ୍କ ସଭାପତିତ୍ୱ ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦାନନ୍ଦ ଅଗ୍ରୱାଲ ସ୍ମୃତିକମିଟିର ସିଦ୍ଧାର୍ଥ ଅଗ୍ରୱାଲ ଅତିଥିଗଣଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଅଗ୍ରୱାଲଙ୍କ ଲିଖିତ ସୋନପୁର ଇତିହାସ(ଦ୍ୱିତୀୟ ଖଣ୍ଡର ଦ୍ୱିତୀୟ ସଂସ୍କରଣ)କୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଗବେଷଣାଲବ୍ଧ ଏହି ପୁସ୍ତକର ପ୍ରଥମ ସଂସ୍କରଣ ୧୯୮୮-୮୯ ମସିହାରେ ପ୍ରକାଶିତ ହୋଇଥିଲା । ସୋନପୁର ତଥା ଓଡିଶା ଇତିହାସର ଗବେଷଣାରେ ଏହି ପୁସ୍ତକର ଗୁରୁତ୍ୱ ଯଥେଷ୍ଟ ରହିଛି। ତେଣୁ ଆଜି ମଧ ଇତିହାସର ଛାତ୍ରଛାତ୍ରୀ ଓ ଗବେଷକଙ୍କ ପାଖରେ ଏହି ପୁସ୍ତକର ଚାହିଦା ରହିଛି। ତେଣୁ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ କରାଯାଇଛି ବୋଲି ସିଦ୍ଧାର୍ଥ ଅଗ୍ରୱାଲ ସୂଚନା ଦେଇଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ସ୍କୁଲ ପାଚେରୀ

କନ୍ଧମାଳ, ୨/୦୭ (ନି.ପ୍ର): ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଖାସ୍ କରି ଆଦିବାସୀଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ବି ଖର୍ଚ୍ଚ କରୁଛନ୍ତି । ଆଦିବାସୀ ଛାତ୍ରଛାତ୍ରୀମାନେ କିପରି ଗୁଣାତ୍ମକ ଶିକ୍ଷାରୁ ବଂଚିତ ନହେବେ, ସେଥିପାଇଁ ନିର୍ମାଣ ହେଉଛି ନୂତନ ନୂତନ ସ୍ମାର୍ଟ ବିଦ୍ୟାଳୟ। ଏଠାରେ ପାଠ ପଢିବା ସହ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହାର ପୁରା ଅଲଗା ଚିତ୍ର ଦେଖିବାକୁ ମିଳିଛି। ବର୍ତମାନ ଏକ ସପ୍ତାହ ହେଲା ସମଗ୍ର ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିବା ଏବଂ ବିଦ୍ୟାଳୟ ର ପାଚେରୀ କାର୍ଯ୍ୟ ଅତି ନିମ୍ନମାନର କାମ ହୋଇଥିବା ଯୋଗୁଁ ଭାଙ୍ଗିପଡ଼ିଛି ପାଚେରୀ। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟଟି ପ୍ରଥମ ପର୍ଯ୍ୟାୟରେ ସ୍ମାର୍ଟ ସ୍କୁଲ ଭାବେ ଘୋଷଣା ଲାଗି ୪୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ପୁନର୍ବାର ପାଚେରୀ ନିର୍ମାଣ ପାଇଁ ପଇସା ହୋଇନଥିବାରୁ ବ୍ଲକ ତରଫରୁ ନୂତନ ପାଚେରୀ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ନୂତନ ପାଚେରୀ ନିର୍ମାଣ କରାଗଲା, ହେଲେ ନିର୍ମାଣର ଏକ ବର୍ଷ ଭିତରେ ଭାଙ୍ଗିପଡିଲା ପାଚେରୀ । ନିମ୍ନ ମାନର କାମ ଲାଗି ପାଚେରୀ ଭାଙ୍ଗିଥିବା ଜଣାପଡିଛି। ବର୍ତମାନ ଏହି ବିଦ୍ୟାଳୟରେ ୨୨୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ଚୁପ୍ ବସୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଉନ୍ନତ ମାନର ପାଚେରୀ ନିର୍ମାଣ କରିବା ସହ ନିମ୍ନମାନର ପାଚେରୀ ନିର୍ମାଣ କରିଥିବା ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଙ୍କ ତରଫରୁ ପ୍ରବଳ ଦାବୀ ହେଉଛି।

# ଦୁର୍ବଳ ନେତୃତ୍ୱ ଉଦଳା ଉନ୍ନତିରେ ସାଜିଛି ବାଧକ: ଦୁଲାଲ ସୋରେନ



ଉଦଳା , ୨/୦୮ (ନି.ପ୍ର): ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱ ରୋହିଦାସ ସୋରେନଙ୍କର ପୁତ୍ର ଦୁଲାଲଙ୍କୁ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବରେ ଅନେକ ଲୋକ ଦେଖିବାକୁ ଚାହାଁନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରୋହିଦାସ ସୋରେନଙ୍କ ପରେ ଉଦଳା ନିର୍ବାଚନ ମଣ୍ଡଳୀ ଏକ ପ୍ରକାର ମୁରବୀ ଶୂନ୍ୟ ହୋଇଗଲା ପରି ଲାଗୁଛି ବୋଲି ଅନେକ ମତ ଦେଇଛନ୍ତି । ଗତ ୨୦୦୨ ମସିହାରୁ ୨୦୦୭ ପର୍ଯ୍ୟନ୍ତ ଦୁଲାଲ ଉଦଳା ପଂଚାୟତ ସମିତିର ଅଧକ୍ଷ ଭାବରେ ନିର୍ବାଚିତ ହୋଇ ଯେଉଁଭଳି ଲୋକଙ୍କ ଗୁହାରୀ ଶୁଣୁଥିଲେ ଓ ଦକ୍ଷତାର ସହ ସବୁ ପରିସ୍ଥିତିକୁ ସାମନା କରିପାରୁଥିଲେ ଏହା ଆଜିବି ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ମୋଟାମୋଟି ଭାବରେ ଉଦଳା ବ୍ଲକର ବିଭିନ୍ନ ପଂଚାୟତ ମାନଙ୍କରେ ତାଙ୍କର ପ୍ରଶଂସା ଶୁଣାଯିବା ସହ ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବରେ ବହୁ ଲୋକ ଦେଖିବାକୁ ଚାହୁଁଥିବାର ଜଣାଯାଇଛି । ଏ ବାବଦରେ ଦୁଲାଲ କୁହନ୍ତି ଦୁର୍ବଳ ନେତୃତ୍ୱ ଉଦଳା ଉନ୍ନତିର ସାଜିଛି ବାଧକ । କଥାଟିକୁ ସ୍ପଷ୍ଟ କରିବାକୁ ଯାଇ ସେ ଜଣାଇଲେ ଆଜକୁ ୧୫ ବର୍ଷ ଧରି ଉଦଳାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେଉ ବୋଲି ଲୋକେ ଦାବି କରି ଆସୁଅଛନ୍ତି । ଏଥିପାଇଁ ବିଗତ ୫ ବର୍ଷ ସବୁ ପ୍ରକାର ଅନୁକୂଳ ବାତାବରଣ ଥିବା ସ୍ୱତେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇ ପାରିଲା ନାହିଁ । ଏଥିପାଇଁ ଉଦଳାର ଦୁର୍ବଳ ନେତୃତ୍ୱ ହିଁ ଏକମାତ୍ର କାରଣ ତାହା ଆଉ ଲୋକଙ୍କୁ ବୁଝାଇବାକୁ ପଡୁ ନାହିଁ । ସେହି ପରି ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏକମାତ୍ର ଉଦଳା ଉଚ୍ଚ ବିଦ୍ୟାଳୟରେ ଏନ୍.ସି.ସି. ଥିଲା । ଏନ୍.ସି.ସି.

## ବଢୁଛି ଦୁଲାଲଙ୍କ ପ୍ରତି ସମର୍ଥନ

ପ୍ରମାଣପତ୍ର ବଳରେ ଅତିତରେ ଅନେକ ପିଲା ଚାକିରି ପାଇଥିବାର ଜଣାଯାଏ । କିନ୍ତୁ ଏଠାରୁ ଚଳିତ ବର୍ଷ ଏନ୍.ସି.ସି. ଉଠିଗଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଠାରୁ ଏନ୍.ସି.ସି.କୁ ନଉଠାଇ ରଖିବା ପାଇଁ ରାଜନୈତିକ ନେତାଙ୍କ ମହଲରେ କୌଣସି ତତ୍ପରତା ମଧ୍ୟ ପ୍ରକାଶ ପାଇଲା ନାହିଁ । ଏହାଠାରୁ ଦୁଃଖଦାୟକ ବିଷୟ ଆଉ କଣ ଥାଇପାରେ ବୋଲି ଦୁଲାଲ କହିଛନ୍ତି । ସେହିପରି ବର୍ତମାନ ଉଦଳା ନିର୍ବାଚନ ମଣ୍ଡଳୀର ଲୋକ ସଂଖ୍ୟା, ବ୍ୟବସାୟ ଓ ଆବଶ୍ୟକତାକୁ ଲକ୍ଷ କରି ଏଠାକୁ ଜାତୀୟ ରାଜପଥ ଓ ରେଳପଥର ଯୋଗାଯୋଗ ଜରୁରୀ ହୋଇ ପଡ଼ିଛି ବୋଲି ଦୁଲାଲ କହିଛନ୍ତି । ସେହିପରି ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ବସବାସ କରୁଥିବା ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ ଆଜିବି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାର ଦେଖିବାକୁ ମିଳୁଛି । ଏହି ଜନଜାତିର ବହୁ ପିଲା ବିଦ୍ୟାଳୟ ବାହାରେ ଥିବା ବେଳେ ସାମାଜିକ ସୁରକ୍ଷା ଯୋଜନାରେ ଭତା ଓ ଖାଦ୍ୟ ଯୋଜନାରେ ଚାଉଳ ଏପର୍ଯ୍ୟନ୍ତ ବହୁ ଲୋକଙ୍କ ପାଖଷର ପହଁଚି ପାରି ନାହିଁ । ଦୁର୍ବଳ ନେତୃତ୍ୱ ଫଳରେ ପେଶି ହୋଇ ଯାଉଥିବା ସାଧାରଣ ଜନତା ଏଥର ନିଷ୍ଚୟ ଜଣେ ଦକ୍ଷ ବିଧାୟକଙ୍କୁ ବାଛିବେ ବୋଲି ଆଶା କରାଯାଉଛି । ତେବେ ବିଜୁ ଜନତା ଦଳ ଟିକଟରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ଆଶାୟୀଙ୍କର ଲମ୍ବା ତାଲିକା ଥିବା ବେଳେ ଦୁଲାଲଙ୍କୁ ଟିକଟ ମିଳିବା ନେଇ ବହୁ ଜ୍ଞାନି ଗୁଣି ଲୋକେ ଆଶା ବାନ୍ଧିଛନ୍ତି । ବିଶେଷ କରି ଆଜିର ଯୁବ ସମାଜ ଦୁଲାଲଙ୍କୁ ବିଧାୟକ ରୂପେ ଦେଖିବାକୁ ଚାହୁଁଥିବାର ଜଣାଯାଇଛି ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା । ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି ।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ । ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ ।

+ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଷ୍ଟେସନ ନିକଟରେ କୋଇଲା ବୋଝେଇ ମାଲବାହୀ ଟ୍ରେନରୁ ଛିଣ୍ଡିଲା ବଗି

ବସ୍ତା, ୨/୦୮ (ନି.ପ୍ର): ଦକ୍ଷିଣ ପୂର୍ବ ରେଳବାଇ ର ଖଡ଼ଗପୁର - ଭଦ୍ରକ ମଧ୍ୟରେ ରେଳ ଦୁର୍ଘଟଣା ବଢ଼ି ବଢି ଚାଲିଛି। ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ର ହୃଦୟ ବିଦାରକ ଦୃଶ୍ୟ ଦେଖି ଯାତ୍ରୀ ମାନେ ଟ୍ରେନ ରେ ଚଢିବା ପୂର୍ବରୁ ଭୟଭୀତ ହୋଇ ଯାଉଛନ୍ତି । ବାହାନଗା ରେଳ ଦୁର୍ଘଟଣା ଠାରୁ ଅନେକ ଥର ରେଳ ଅଘଟଣ ସାମ୍ନା କୁ ଆସି ଥିବା ବେଳେ ବୁଧବାର ଏହି ଭଳି ଏକ ରେଳ ଦୁର୍ଘଟଣା ବସ୍ତା ଷ୍ଟେସନ ରେ ଦେଖିବାକୁ ମିଳିଛି । ଚଳନ୍ତା ଏକ ମାଲ୍ ବାହୀ ଟ୍ରେନ ରୁ ହଠାତ୍ ବଗି ଛିଣ୍ଡି ଅଳ୍ପକେ ଏକ ନିଶ୍ଚିତ ଦୁର୍ଘଟଣା ରୁ ବର୍ତ୍ତି ଯାଇଥିବା ଜଣା ପଡିଛି । ପ୍ରକାଶ ଯେ ବୁଧୁବାର ସକାଳେ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରେନ ବସ୍ତା ଷ୍ଟେସନ ନିକଟସ୍ଥ ଦକ୍ଷିଣ କ୍ୟାବିନ ନିକଟର ଇଞ୍ଜିନ ପଟ ରୁ କିଛି ବଗି ଛିଣ୍ଡି ରହିଯାଇ ଥିଲା । ଗାର୍ଡ ଠାରୁ ସୂଚନା ପାଇ ପାଇଲଟ୍ ଟ୍ରେନ କୁ ଅଟକାଇ ବା ପରେ ପୁଣି ବଗି କୁ ଯୋଡିବା ପରେ ଟ୍ରେନ ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଥିଲା । ଏହି ଘଟଣା ସଂପର୍କରେ ବସ୍ତା ଷ୍ଟେସନ ମ୍ୟାନେଜର ରାଧାକାନ୍ତ ରାଉଳ ଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଯେ ଟ୍ରେନ ର କପ୍ଲିଂ ଟି ଖୋଲି ଯାଇଥିଲା ଜଣା ପଡ଼ିବା ପରେ ତୁରନ୍ତ ମରାମତି କରାଯାଇ ଥିବା ପ୍ରକାଶ କରିଥିଲେ ।ଅଧଘଣ୍ଟା ଧରି ଡାଉନ୍ ଲାଇନ ରେ ଟ୍ରେନ ଚଳାଚଳ ବାଧପ୍ରାପ୍ତ ହେବା ସହ ଫାଟକ ପଡ଼ି ରହିଥିବାରୁ ଲୋକେ ହଇରାଣ ହୋଇଥିଲେ ।

## ଲଗାଣ ବର୍ଷାରେ ଗଛପଡ଼ି ଭାଙ୍ଗିଲା ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟ ଛପର

ନୀଳଗିରି , ୨/୦୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଓ ପବନ ଯୋଗୁଁ ନୀଳଗିରିରୋଡ ବରୁଣସିଂସ୍ଥିତ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଏଜବେସ ଷ୍ଟସ ଛାତ ଉପରେ ବିରାଟକାୟ ଗଛ ଡ଼ାଳ ଭାଙ୍ଗିପଡ଼ିବା ଯୋଗୁଁ କ୍ଷୟକ୍ଷତି ଘଟିଛି । ଘଟଣା ସ୍ଥଳରେ ନୀଳଗିରି ଅଗ୍ନିଶମବିଭାଗ କର୍ମଚାରୀ ପହଞ୍ଚି କଟର ସାହାଯ୍ୟରେ ଡ଼ାଳସଫା କରିଥିବା ନେଇ ଅଗ୍ନିଶମ ଅଧିକାରୀ ହରିଶ ଚନ୍ଦ୍ର ନାଥ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପ୍ରୋଜେକ୍ଟ ଚିତାକୁ ଶକ୍ତ ...

ପରେ ଟିବିଲିସିର ନାଁ ଧରିତ୍ରୀ ରଖାଯାଇଥିଲା । ଏଠାକୁ ଆସିବାର କିଛି ଦିନ ପରେ ହିଁ ସେ ଅସୁସ୍ଥ ହୋଇ ପଡ଼ିଥିଲା । ତେଣୁ ଦୁଇ ସପ୍ତାହ ହେଲା ତା'ର ଚିକିତ୍ସା ଚାଲିଥିଲା । ତା' ସ୍ୱାସ୍ଥ୍ୟାବସ୍ଥା ଉପରେ ମଧ୍ୟ ନଜର ରଖାଯାଇଥିଲା । କିନ୍ତୁ କଲାର ସିଗ୍ନାଲ ଫେଲ ମାରିବାରୁ ଉଦ୍ୟାନ କର୍ତ୍ତୃପକ୍ଷ ତା' ଗତିବିଧିକୁ ଟ୍ରାକ୍ ? କରିବାରେ ବିଫଳ ହୋଇଥିଲା । ଏଥିଯୋଗୁ ତା'କୁ ଉପଯୁକ୍ତ ମେଡିକାଲ ସୁବିଧା ମଧ୍ୟ ଯୋଗାଇ ଦିଆଯାଇ ପାରି ନଥିଲା । ଶେଷରେ ଆଜି ସକାଳୁ ଉଦ୍ୟାନ ଭିତରୁ ତା'ର ମୃତଦେହ ମିଳିଛି । ନାମ୍ବିଆରୁ ଭାରତ ସରକାର ୫ଟି ମାଈ ଚିତା ସମେତ ୮ଟି ବାଘ ଆଣିଥିଲେ । ମାଈ ଚିତାଙ୍କ ମଧ୍ୟରେ ଧରିତ୍ରୀ ଅନ୍ୟତମ । ଅନ୍ତର୍ଜାତୀୟ ଚିତା ଦିବସରେ ଧରିତ୍ରୀ କୁନୋରେ ତା'ର ପ୍ରଥମ ଶିକାର ମଧ୍ୟ କରିଥିଲା । ଗତ ବର୍ଷ ସେପ୍ଟେମ୍ବର ମାସରେ ନାମ୍ବିଆରୁ ୮ଟି ଚିତା ବାଘ ଅଣାଯାଇଥିବା ବେଳେ ଚଳିତ ବର୍ଷ ଫେବୃଆରୀ ମାସରେ ଦକ୍ଷିଣ ଆଫ୍ରିକାରୁ ଆଉ ୧୨ଟି ଚିତା ବାଘ ଏଠାକୁ ଆସିଥିଲେ । ଏହି ୧୨ଟି ମଧ୍ୟରୁ ୬ଟି କୁନୋ ଜାତୀୟ ଉଦ୍ୟାନରେ ଥିବା ବେଳେ ବାକି ୬ଟି କୁନୋର ବିଭିନ୍ନ ଖୁଆଡ଼ରେ ଅଛନ୍ତି । ଏହି ଚିତା ଗୁଡ଼ିକ ମଧ୍ୟରୁ ଗତ ମାର୍ଚ୍ଚ ୨୭ ତାରିଖରେ ପ୍ରଥମେ ପ୍ରାଣ ହରାଇଥିଲା ସାଶା । ତାହା ଏକ ବାଘୁଣୀ ଥିଲା । ତା'ର କିଡ୍ ?ନୀରେ ସମସ୍ୟା ଦେଖା ଦେଇଥିଲା । ତା'ପରେ ଗତ ଏପ୍ରିଲ ମାସରେ ଉଦୟ ନାମକ ଅଣ୍ଡିରା ଚିତାର ମୃତ୍ୟୁ ଘଟିଥିଲା । ତା'ର ହୃତପିଣ୍ଡରେ ସମସ୍ୟା ଥିଲା । ଏହା ପରେ ମେ' ମାସରେ ମାଈ ଚିତା ଦକ୍ଷାର ମୃତ୍ୟୁ ଘଟିଥିଲା । ଦୁଇଟି ଅଣ୍ଡିରା ଚିତାଙ୍କ ସହ ଲଢ଼େଇ ବେଳେ ତା'ର ମୃତ୍ୟୁ ଘଟିଥିବା କୁହାଯାଇଥିଲା । ଗତ ମାର୍ଚ୍ଚ ମାସରେ ମାଈ ଚିତା ସିୟାୟା ଚାରୋଟି ଛୁଆ ଜନ୍ମ କରିଥିଲା । ସେମାନଙ୍କ ମଧ୍ୟରୁ ଗତ ମେ' ମାସରେ ପ୍ରଥମେ ଗୋଟିଏ ଶାବକର ମୃତ୍ୟୁ ଘଟିଥିଲା । ଏହାର କିଛି ଦିନ ପରେ ସେହି ମାସରେ ସିୟାୟାର ଆଉ ଦୁଇଟି ଛୁଆଙ୍କ ମୃତ୍ୟୁ ଘଟିଥିଲା ।

### ବର୍ଷା ବିପ୍ରାତ....

ବର୍ଷା ବିପ୍ରାତରେ ବହୁ ଅଂଚଳ ଜଳମଗ୍ନ ହୋଇଥିବାବେଳେ ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଅସ୍ଥାୟୀ ଆଶ୍ରୟସ୍ଥଳୀରେ ସ୍ଥାନାନ୍ତର ହେଉଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ସହ ସ୍ୱଚ୍ଛ ପିଇବା ପାଣି ଦେବାକୁ ପରାମର୍ଶ ଦେଇଛନ୍ତି । ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ୨୪ ଘଂଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ସେହିପରି ରାଜ୍ୟର ସମସ୍ତ ବନ୍ଦର ଗୁଡିକୁ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ୧୦ ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ବୌଦ୍ଧ । ଏହି ଜିଲ୍ଲାମାନଙ୍କରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି । ଅତି ପ୍ରବଳ ବର୍ଷା ଯୋଗୁ ତଳିଆ ଅଂଚଳରେ ପାଣି ଜମିବା ସହ ଫ୍ଲାସ୍ ଫ୍ଲଡ୍ ଆଶଙ୍କା ରହିଛି । ସେହିପରି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ । ଏହି ଜିଲ୍ଲାଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କଟକ, ନୟାଗଡ଼, ନବରଙ୍ଗପୁର, ଯାଜପୁର । ଅପରପକ୍ଷରେ ୩ ତାରିଖ ପାଇଁ ୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ । ମାଆ ଭଟ୍ଟାରିକାଙ୍କ ମନ୍ଦିରରେ ପଶିଲା ମହାନଦୀର ପ୍ରଥମ ବନ୍ୟାଜଳ । ମନ୍ଦିର ବେଢ଼ା ସମେତ ଗର୍ଭଗୃହରେ ପଶିଲା ପାଣି । ତେଣୁ ମା'ଙ୍କ ବିଗ୍ରହକୁ ରତ୍ନଗିରି ପାହାଡ଼ସ୍ଥିତ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଛି । ଯେଉଁଥିପାଇଁ ମହାନଦୀରେ ପ୍ରବଳ ବେଗରେ ବନ୍ୟାଜଳ ପ୍ରବାହିତ ହେଉଛି । ଆଜି ମଧ୍ୟାହ୍ନରେ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମାଆ ଭଟ୍ଟାରିକାଙ୍କ ମନ୍ଦିର ପାହାଚ ଛୁଇଁଲା ମହାନଦୀର ପ୍ରଥମ ବନ୍ୟାଜଳ । ଧୀରେ ଧୀରେ ଜଳସ୍ତର ବଢ଼ିଥିଲା । ସନ୍ଧ୍ୟା ବେଳେ ବନ୍ୟା ଜଳ ମନ୍ଦିର ଭିତରେ ପ୍ରବେଶ କରିଥିଲା । ବନ୍ୟାଜଳ ଗମ୍ଭୀରା ଭିତରେ ପ୍ରବେଶ କରିବା ପରେ ମାଆଙ୍କୁ ସ୍ଥାନାନ୍ତର କରାଯାଇଥିଲା । ପରେ ମାଆଙ୍କ ଆସବାବପତ୍ର ସ୍ଥାନାନ୍ତର କରାଯାଇଥିଲା ।ରତ୍ନଗିରି ପାହାଡ଼ସ୍ଥିତ ବନ୍ୟା ଆଶ୍ରୟସ୍ଥଳକୁ ମାଆ ସ୍ଥାନାନ୍ତର ହେବା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଛି । ଏଥିପାଇଁ ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି ।

### ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା...

ଦର୍ଶାଇ ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ । ଏହାପରେ ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ଅର୍ଚ୍ଚନା, ଜଗବନ୍ଧୁ ଚାନ୍ଦ, ଖଗେଶ୍ୱର ପାତ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ।

### ପାହାଡ଼ରୁ ଖସିଲା ବଡ଼ ...

ପଥର ଖଣ୍ଡଟି ଟ୍ରେନ୍ ଇଞ୍ଜିନରେ ପିଟି ହେବାରୁ ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇଯାଇଛି । ତେବେ ଟ୍ରେନ୍‌ରେ ଥିବା ରେଳ କର୍ମଚାରୀ ସୁରକ୍ଷିତ ଥିବା ଜଣାଯାଇଛି । ଖବର ପାଇ ବରିଷ୍ଠ ରେଲୱେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ତେବେ ଲଗାଣ ବର୍ଷା ଯୋଗୁ ପଥର ଖଣ୍ଡକୁ ହଟାଇ ଇଞ୍ଜିନକୁ ଟ୍ରାକ୍ ?କୁ ଆଣିବା କଷ୍ଟକର ହୋଇ ପଡୁଛି । ଏଥିନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଥିବା ବେଳେ ଖୁବ୍ ଚଳାଚଳ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ବରିଷ୍ଠ ଅଧିକାରୀ ଆଶା ରଖିଛନ୍ତି । ଅନୁଗୁଳ ଜିଲ୍ଲାରେ ଗତକାଲିଠୁ ଲଗାଣ ବର୍ଷା ଜାରି ରହିଛି । କେଉଁଠି ପୋଲ ଭାସି ଯାଇଛ ତ କେଉଁଠି ପୋଲ ଉପରେ ପାଣି ପ୍ରବାହିତ ହେଉଛନ୍ତି । କେନ୍ଦୁଝର ଜୁଡ଼ିଆ ଘାଟିରେ ଭୂସ୍ଖଳନ ଘଟି ଆଜି ସକାଳୁ ଏକ ପାହାଡ଼ରୁ ପଥର ଖସି ଏକ ମିନି ଟ୍ରକ୍ ଉପରେ ପଡ଼ିଥିବା ବେଳେ ଅନୁଗୁଳ ଜିଲ୍ଲାରେ ବି ଘଟିଛି ସମାନ ଘଟଣା ।

# ମଦ ବେପାରୀ କୋର୍ଟ ଚାଲାଣ : ବିପୁଳ ପରିମାଣରେ ମଦ ଜବତ

ବସ୍ତା ୨/୮(ନିପ୍ର) ରୂପସା ଥାନା ପୋଲିସ ପକ୍ଷରୁ ଅତର୍କିତ ଭାବେ ବେଆଇନ ମଦ ଦୋକାନ ମାନଙ୍କରେ ଚଢ଼ାଉ କରାଯାଇଛି । ମଦ ବ୍ୟବସାୟୀ ଜଣେ ମହିଳାଙ୍କ ସମେତ ୪ ଜଣ ମଦ ବେପାରୀ କୁ ଗତକାଲି ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ବରହମପୁର ଗ୍ରାମର ମମତା ଜେନା, ତଳ ବରହମପୁର ଗ୍ରାମର ଅଖିଳ ବେହେରା, ହୀରାପୁର ଗ୍ରାମର ଯୋଗେଶ୍ୱର ପ୍ରଧାନ ଓ ଆଘିରିଆ ଗ୍ରାମର ସଦାଶିବ ଦାସ । ସେମାନଙ୍କ ନିକଟରୁ ୫୮ ଲିଟର ଦେଶୀ ମଦ,୪ ବୋତଲ ବିୟର ଓ ୨୦ ବୋତଲ ବିଦେଶୀ ମଦ ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପୃଥକ ପୃଥକ ମାମଲା ନଂ ୭୫/୨୩,୭୬/୨୩,୭୭/୨୩ଓ ୭୮/୨୩ ରୁଜୁ ହୋଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିଲା । ଦୀର୍ଘ ଦିନ ଧରି ବେଆଇନ ମଦ ବ୍ୟବସାୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଥିଲେ । ରୂପସା ଥାନା ଆଇଆଇସି ପ୍ରଫୁଲ୍ଲ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ରେ ଏକ ପୋଲିସ ଟିମ ଚଢ଼ାଉ କରି ସମସ୍ତ ମଦ ବ୍ୟବସାୟୀଙ୍କୁ ଗିରଫ କରିଥିଲେ ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

ଭଦ୍ରକ, ୨/୦୮ (ନି.ପ୍ର): ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପାଳିତ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଭଦ୍ରକ ଜିଲ୍ଲା ପାଇଁ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ସନ୍ତୋଷ କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ସପ୍ତାହ ପାଳନର ଆଭିମୁଖ୍ୟ ଓ ସଚେତନତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ । ଏ.ଡ଼ି.ପି.ଏଚ୍.ଓ.ଟି.ବି. ଡ଼ାକ୍ତର ସରୋଜ କୁମାର ପୃଷ୍ଟି, ଡ଼ି.ପି.ଏମ୍. ସରିତା ମହାପାତ୍ର, ଆଶା ମେନେଜର କଳ୍ପନା ସାମଲ ପ୍ରମୁଖ ଏଥିରେ ଯୋଗ ଦେଇ ସ୍ତନ୍ୟପାନ ର ଉପକାରୀତା ଓ ସତର୍କତା ସମ୍ବନ୍ଧରେ ସଚେତନ କରାଇଥିଲେ । ଡ଼ି. ଏମ୍.ଆର.ସି.ଏଚ୍. ଜିତେନ୍ଦ୍ର ବିଶ୍ୱାଳ, ଡ଼ିଭିଏଲଏମ୍ ସୁରଜିତା ପଣ୍ଡା ପ୍ରମୁଖଙ୍କ ସହ ବିଭିନ୍ନ ବ୍ଲକ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସମାନେ ଏଥିରେ ଉପସ୍ଥିତ ଥିଲେ । ଆଇ.ସି.ଏ. ରାମ ନାରାୟଣ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅନିତାରାଣୀ ରାଉତ ମଞ୍ଚ ପରିଚାଳନା କରିଥିଲେ । ଏହି ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏଥିରେ ବିଜୟ ଲକ୍ଷ୍ମୀ ବାରିକ୍ ପ୍ରଥମ, ମଧୁସ୍ମିତା ତ୍ରିପାଠୀ ୨ୟ ଓ ତନିସା ପାଢ଼ୀ ୩ୟ ପୁରସ୍କାର ପାଇଥିଲେ ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବାଲେଶ୍ୱରର ନୂତନ ଅଧକ୍ଷ ନିଯୁକ୍ତ ହେଲେ ମଦନ ମୋହନ ମାଝୀ



ବାଲେଶ୍ୱର/ନୀଳଗିରି, ୨/୦୮ (ନି.ପ୍ର): ଆଦିବାସୀ ଅଧୁଷିତ ଅଞ୍ଚଳର ବିକାଶକୁ ଆଖିଆଗରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ୧୪ଗୋଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ସ୍ପେସିଆଲ ଡେଭଲପମେଣ୍ଟ କାଉନସିଲ) ମଧ୍ୟରୁ ବାଲେଶ୍ୱର ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି ନୀଳଗିରି ବ୍ଲକ୍ ଭଉଁରିଆବାଡ ପଞ୍ଚାୟତ ଅଧୀନସ୍ଥ ତେରଲଡିହି ଗ୍ରାମର ଚରେ ମାଝୀଙ୍କ ସୁପୁତ୍ର ମଦନ ମାଝୀ । ଆଦିବାସୀ କୂଳରେ ଜନ୍ମ ହୋଇ ମଧ୍ୟ ସେ ଜଣେ ଉଚ୍ଚ ଶିକ୍ଷିତ ତଥା ଜବାହାରଲାଲ ନେହେରୁ ୟୁନିଭର୍ସିଟିର ପୂର୍ବତନଛାତ୍ର ସହ ରିଜର୍ଭ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଭାବରେ କାର୍ଯ୍ୟକରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ରାଜନୀତିରେ ପାଦ ଦେଲାପରେ ରାଜ୍ୟ ସରକାର ତାଙ୍କୁ ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏଥିସହିତ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ନୀଳଗିରି ବ୍ଲକ୍ ଅଧୀନରେ ଥିବା ଆଦିବାସୀ ଭାଇ ଭଉଣୀ ମାନଙ୍କର ସଂସ୍କୃତି, ପରମ୍ପରା ଏବଂ ଜୀବନ ଧାରଣରମାନ କିପରି ଉନ୍ନତି ଏବଂ ଉଜ୍ଜିବିତ ରହିପାରିବ ସେ ଦିଗରେ ପ୍ରାଥମିକତା ଦେବେ ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।ଏନେଇ ନୀଳଗିରିରୁ ବିଭିନ୍ନ ବର୍ଗରୁ ପ୍ରଶଂସାର ସୁଅ ଛୁଟିଛି ।

# ଜଳେଶ୍ୱରର ଏକ ସ୍କୁଲ ହଷ୍ଟେଲରେ ଛାତ୍ରକୁ ରେଗିଂ ଅଭିଯୋଗ : ଥାନାରେ ମାମଲା

ଜଳେଶ୍ୱର ୨/୮(ନି.ପ୍ର): ଜଳେଶ୍ୱର ବ୍ଲକକାର୍ଯ୍ୟାଳୟ ଅନ୍ନିକଟସ୍ଥ ଏକ ଘରୋଇ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଜଣେ ଶିକ୍ଷାର୍ଥୀଙ୍କୁ ରେଗିଂ ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ବିହାର ପ୍ରଦେଶର ସୀତାମାରି ଅଂଚଳର ବିଜୟ କୁମାରଙ୍କ ପୁଅ ହର୍ଷ କୁମାର (୧୪) ଏହି ଘରୋଇ ବିଦ୍ୟାଳୟରେ ଛାତ୍ର ଅଟନ୍ତି । ଘରୋଇ ବିଦ୍ୟାଳୟ ହଷ୍ଟେଲରେ ଥିବା ବେଳେ କେତେକ ସାଂଗ ତାଙ୍କୁ ବ୍ୟାପକ ରେଗିଂ କରିଥିବା ସେ ଅଭିଯୋଗ କରିଛନ୍ତି । କାହାକୁ କିଛି ନ କହି ସେ ହଷ୍ଟେଲରୁ ପଳାଇଯାଇ ଷ୍ଟେସନ ବଜାରରେ ଥିବା ଏକ ହୋଟେଲର ଫୋନ୍‌ରୁ ନିଜ ବାପାଙ୍କୁ ଏ ସଂପର୍କରେ କହିଥିଲେ । ହୋଟେଲ କର୍ତ୍ତୃପକ୍ଷ ଏବଂ ଛାତ୍ରରର ବାପା ଏ ସଂପର୍କରେ ଥାନାକୁ ଜଣାଇଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ଉକ୍ତ ଛାତ୍ରର ଅନୁପସ୍ଥିତ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ । ହଷ୍ଟେଲ ନିର୍ଦ୍ଦିଷ୍ଟ କେତେକ ଛାତ୍ରଛାତ୍ରୀ ଓ ୱାର୍ଡେନ୍ ତାଙ୍କୁ ହଇରାଣ ହରକତ ଓ ଆର୍ଥିକ ନିର୍ଯ୍ୟାତନା ଦେଉଥିବା ସେ ପୁଲିସ୍ ଓ ଗଣମାଧ୍ୟମ ନିକଟରେ କହିଛି । ଏ ସଂପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏହା ଭିତ୍ତିହିନ ବୋଲି କହିଛନ୍ତି ।

# ପାଇପ ଲାଇନ ବିଛାଇବା ପରେ ମରାମତି ହେଉନି ରାସ୍ତା: ଲୋକଙ୍କ ସମସ୍ୟାକୁ ନେଇ କାଉନସିଲରଙ୍କ ଦାବିପତ୍ର ପ୍ରଦାନ



ବାରିପଦା , ୨/୦୮ (ନି.ପ୍ର): ବାରିପଦା ସହର ତଥା ବିଭିନ୍ନ ୱାର୍ଡରେ ପାନୀୟ ଜଳ ଜଗାଣ ପାଇଁ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ୱାଟକୋ ପକ୍ଷରୁ ପାଇପ ଲାଇନ କାର୍ଯ୍ୟ ଚାଲି ଥିବାରୁ ସହରର ବିଭିନ୍ନ ରାସ୍ତାକୁ ଖୋଳି ଦିଆଯାଉଛି ମାତ୍ର ପାଇପ ଲାଇନ ବିଛା ଯିବା ପରେ ଖୋଳା ଯାଇଥିବା ରାସ୍ତା ଗୁଡ଼ିକ ସମୟ ମୁତାବକ ମରାମତି କରାଯାଉନାହିଁ. ଏବେ ବର୍ଷା ଋତୁ ଚାଲୁଥିବାରୁ ରାସ୍ତା ଗୁଡ଼ିକ କାଦୁଅ ପୋଚ ପୋଚ ହୋଇଯାଉଛି. ଫଳରେ ଜନ ସାଧାରଣ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ପରିପ୍ରେକ୍ଷୀରେ ବାରିପଦା ପୌପରିଷଦ ୱାର୍ଡ ନମ୍ବର ୦୩ କାଉନସିଲର ରାଜ ଗୁପ୍ତା ଜନ ସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯାନ୍ତ୍ରୀଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କୋରିଛନ୍ତି । ୧୫ ଦିନ ମଧ୍ୟରେ ଦବିପୁରୁଣ ନହେଲେ ସେ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।

# ବର୍ଷା ପାଣିରେ ଉବୁଟୁବୁ ମା' ପାଟଣେଶ୍ୱରୀ

ବଲାଙ୍ଗୀର, ୨/୦୮ (ନି.ପ୍ର): ବଲାଙ୍ଗୀର ସହର ଭିତରେ ଥିବା ପାଟଣେଶ୍ୱରୀ ମନ୍ଦିର ଭିତରେ ପଶିଲା ବର୍ଷା ପାଣି । କେବଳ ମନ୍ଦିର ଭିତରେ ନୁହେଁ, ମା'ଙ୍କ ଆସ୍ଥାନ ଉପରକୁ ବି ପାଣି ଚଢ଼ି ମା ପାଣିରେ ଉବୁଟୁବୁ ହେଉଥିବା ଦେଖାଯାଇଛି । ଅନ୍ୟ ପକ୍ଷରେ ମୋଟର ଲଗାଇ ଏବେ ବର୍ଷା ପାଣି ନିଷ୍କାସନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ବଲାଙ୍ଗୀର ମାଟିର ଇଷ୍ଟଦେବୀ ଭାବେ ପୂଜା ପାଉଥିବା ମା' ପାଟଣେଶ୍ୱରୀ ମନ୍ଦିରରେ ଟିକିଏ ବର୍ଷା ହେଲେ ଏପରି ବର୍ଷା ଜଳ ପଶି ଜଳମୟ ହୋଇପଡୁଛି ମନ୍ଦିର । ଅଥଚ ଏହାର ସ୍ଥାୟୀ ନିରାକରଣ ହେଉ ନଥିବାରୁ ସହରବାସୀ ଦେବୀ ଙ୍କ ଭକ୍ତ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବଲାଙ୍ଗୀର ପୌର ଅଧକ୍ଷା ଲିକା ସାହୁ ମନ୍ଦିରରେ ଉପସ୍ଥିତ ରହି ମନ୍ଦିରରୁ ଜଳ ନିଷ୍କାସନ କାମ ତଦାରଖ କରୁଥିବା ଦେଖିବାକୁ ମିଳିଛି । ମନ୍ଦିର ସୁରକ୍ଷା କମିଟି ଜିଲ୍ଲା ପ୍ରଶାସନ ଓ ଦେବତୋର ନିର୍ବାହୀ ଅଧିକାରୀଙ୍କୁ ଆଗରୁ ଏଥିପାଇଁ ଦୃଷ୍ଟିକୁ ଆଣିଥିବା ବେଳେ ବିଭାଗୀୟ ଉଦାସିନତା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୋଖରୀ ହୁଡ଼ାରେ ବନ୍ଧ ବାନ୍ଧିବା ଯୋଗୁଁ ଜଳବନ୍ଦୀ ହେଲା ଶ୍ୟାମସୁନ୍ଦରପୁର ମଳିକସାହି

ନୀଳଗିରି , ୨/୦୮ (ନି.ପ୍ର): ପୋଖରୀ ହୁଡ଼ାରେ ବନ୍ଧ ବାନ୍ଧିବା ଫଳରେ ଲଘୁଚାପ ଜନିତ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ଓଉପଦା ବ୍ଲକ ଶ୍ୟାସୁନ୍ଦରପୁର ଗ୍ରାମର ମଳିକସାହିର ଲୋକମାନେ ପାଣି ଘେରରେ ରହି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀମାନେ ନୀଳଗିରି ତହସିଲଦାରଙ୍କ ଠାରେ ଫେରାଦ ହୋଇଛନ୍ତି। ସୂଚନା ଅନୁଯାଇ ନୀଳଗିରି ଥାନା ଶ୍ୟାସୁନ୍ଦରପୁର ମଳିକସାହି ଗ୍ରାମର ଉପରମୁଣ୍ଡରେ ଅବସ୍ଥିତ ରାଉଳଖୁଣ୍ଟା ଗ୍ରାମର ରାମହରି ମହାନ୍ତିଙ୍କ ପୁଅ ସଞ୍ଜୟ ଓ ସୂର୍ଯ୍ୟ ମାଛଚାଷ ପାଇଁ ତିନିଗୋଟି ବିରାଟ ପୋଖରୀ ଖୋଳି ମାଛଚାଷ କରିଛନ୍ତି। ମାତ୍ର ପୋଖରୀରୁ ବାହାରିଥିବା ସମସ୍ତ ମାଟି ନିକଟସ୍ଥ ପାଣି ମହାରାରେ ପକାଇ ଦେଇ ମାହାରା ବନ୍ଦ କରିଦେବା ଫଳରେ ବର୍ଷାଜଳ ଏଂ ଉପର ମୁଣ୍ଡରୁ ବୋହି ଆସୁଥିବା ପାଣି ନିମ୍ନକୁ ନିଷ୍କାସନ ହୋଇ ନପାରିବାରୁ ମଳିକସାହି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଏନେଇ ଗ୍ରାମବାସୀମାନେ ସଞ୍ଜୟ ଓ ସୂର୍ଯ୍ୟ ଦୁଇ ଭାଇଙ୍କୁ ପଚାରିବାରୁ ଓଲଟା ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇଥିବା ନେଇ ଗ୍ରାମର ଶରତ ମଳିକ, ସୁଦାମ ମଳିକ, ପ୍ରଫୁଲ୍ଲ ମଳିକ, ସୁରେନ୍ଦ୍ର ମଳିକ, ଅଶୋକ ମଳିକ, ରମେଶ ମଳିକ, ରାହୁଳ ମଳିକ, ଗଙ୍ଗାଧର ମଳିକ, ବିଜୟ ମଳିକ, କୁନିମଳିକ, ସୁମତି ମଳିକ, ଭାରତୀ ମଳିକ, ସାବିତ୍ରୀ ମଳିକ, ସତ୍ୟବତୀ ମଳିକ ପ୍ରମୁଖ ନୀଳଗିରି ତହସିଲଦାରଙ୍କ ଠାରେ ଅଭିଯୋଗ କରିବା ସହିତ ସର୍ଜମିନ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି।

# ଧାମରାଠାରେ ଶିଳ୍ପପାର୍କ ପ୍ରକଳ୍ପ ଓ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭଦ୍ରକ, ୨/୦୮ (ନି.ପ୍ର): ଧାମରାସ୍ଥିତ ଜଳସେଚନ ବିଭାଗର ପରିଦର୍ଶନ ବଙ୍ଗଳାରେ ଧାମରା ଶିଳ୍ପପାର୍କ ପ୍ରକଳ୍ପ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ପରିଚାଳନା ଅଧକ୍ଷା(ଭୂମି) ଇଡ୍‌କୋ ଭୁବନେଶ୍ୱରଙ୍କ ସ୍ୱାତୀ ମିଶ୍ର, ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଏଥିରେ ଯୋଗଦେଇ ଥିଲେ। ସୂଚନାଯୋଗ୍ୟକି ୩-୫-୨୩ରିଖରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନଙ୍କର ତଥା ସ୍ଥାନୀୟ ଜନପ୍ରତିନିଧିମାନଙ୍କର ଦାବୀକୁ ସମ୍ମାନ ଜଣାଇ ଜିଲ୍ଲାପାଳ ଭଦ୍ରକଙ୍କର ଆଦେଶ ଅନୁଯାୟୀ ଏକ ଜୋନ୍ ଅଫିସ୍ (ମଣ୍ଡଳକାର୍ଯ୍ୟାଳୟ) ଧାମରା ଠାରେ ଖୋଲାଯିବା ପାଇଁ ସିଦ୍ଧାନ୍ତ ହୋଇଥିଲା । ଏହି କାର୍ଯ୍ୟାଳୟ ପ୍ରକଳ୍ପ ପ୍ରଭାବିତ ଜଗନ୍ନାଥ ପ୍ରସାଦ, ଲକ୍ଷ୍ମୀପ୍ରସାଦ, ବଳଭଦ୍ର ପ୍ରସାଦ, କଇଥଖୋଲା, ବଣୁଆସାହି, ଶିଶିକାଦେଇପୁର, କରଞ୍ଜମାଳ, କୁସୁନ୍‌ପୁର, ବଜରାପୁର, ସରସ୍ୱତୀ, ଶଙ୍ଖଯୋଡ଼ି, ନୂଆଗାଁ ୧୨ଟି ରାଜସ୍ୱ ମୌଜାର ପ୍ରଭାବିତ ଭୂମିମାଲିକମାନେ ଭଦ୍ରକ ପର୍ଯ୍ୟନ୍ତ ନ ଦୌଡ଼ି ଅତି ନିକଟରେ ନିଜର ଜମିଜମା ସଂକ୍ରାନ୍ତୀୟ କାଗଜାତ ମାନଙ୍କରେ ତୃଟି ଆଦି ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଠାରେ ଉପସ୍ଥିତ ହୋଇ ସଂଶୋଧନ କରିପାରିବେ । ଫଳରେ ଜମିମାଲିକମାନଙ୍କୁ ଆଉ ଭଦ୍ରକ ଦୌଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ । ଏହା ଫଳରେ ସେମାନେ ତାଙ୍କର ନ୍ୟାଯ୍ୟ କ୍ଷତିପୂରଣ ଅର୍ଥ ସଠିକଭାବେ ପାଇପାରିବେ । ଉକ୍ତ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ଅବସରରେ ସମସ୍ତ ପ୍ରଭାବିତ ଭୂମିମାଲିକମାନେ ନିଜର ଜମିଜମା କାଗଜାତମାନ ଠିକ୍ କରାଇବା ସହ କର୍ମଚାରୀମାନଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟସୀମା ମଧରେ ଭୂଅର୍ଜନ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ୫-ଟି ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଏଠାରେ ଶିଳ୍ପ ପାର୍କ ପ୍ରତିଷ୍ଠା ପରେ ଖୁବ୍ ଶିଘ୍ର ଧାମରା ଅଞ୍ଚଳ ଏସିଆର ଗଭୀରତମ ଜଳ ବନ୍ଦର, ବିମାନ ବନ୍ଦର, ସଡ଼କ, ରେଳପଥ ଆଦି ଭିତ୍ତିଭୂମି ସଂପନ୍ନ ଥିବା କାରଣରୁ କେବଳ ଓଡ଼ିଶା କାହିଁକି ଭାରତ ତଥା ବିଶ୍ୱ ଶିଳ୍ପମାନଚିତ୍ରରେ ମୁଖ୍ୟସ୍ଥାନ ଗ୍ରହଣ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ତହସିଲଦାର, ମଣ୍ଡଳ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଧାମରା ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର ଉପବିଭାଗୀୟ ଅଧିକାରୀ ରସିକ ମୋହନ ମହାନ୍ତି ଶିଳ୍ପ ପାର୍କ କକ୍ଷରେ ଉପବିଭାଗୀୟ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଏସ୍.ଡ଼ି.ପି.ଓ. ଚାନ୍ଦବାଲି ଦେବୀ ଶଙ୍କର ପ୍ରତାପ ଓ ଓ.ଆଇ.ସି. ଧାମରା ପି.ଏସ୍. ଶୋଭନ କୁମାର ସ୍ୱାଇଁ, ଜିଲ୍ଲା ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ୍ ଏଜେନ୍ସି ଅଧିକାରୀ ତଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଓଷ୍ଟା ବସ୍ତା ମଣ୍ଡଳର ବ୍ଲକସ୍ତରୀୟ ସମ୍ମିଳନୀ

ବସ୍ତା, ୨/୦୮ (ନି.ପ୍ର): ଓଷ୍ଟା ବସ୍ତା ମଣ୍ଡଳର ବ୍ଲକ ସ୍ତରୀୟ ସମ୍ମିଳନୀ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଦରଡା ଠାରେ ବସ୍ତା ମଣ୍ଡଳ ଓଷ୍ଟା ର ସଭାପତି ଚୈତନ୍ୟ ପ୍ରସାଦ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ ସଭାପତି ଇନ୍ଦୁ ମାଧବ ମହାନ୍ତି, ମୁଖ୍ୟ ବକ୍ତା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର , ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ସଂପାଦକ ବିଜୟ କୁମାର ପାତ୍ର, ଶିକ୍ଷକ ନେତା ରମେଶ ଚନ୍ଦ୍ର ନାୟକ, ସୃଷ୍ଟି ଧରି ପାତ୍ର, ମନୋଜ କୁମାର ସାମଲ , ଶ୍ରୀପତି ଚରଣ ପାତ୍ର, ଜିଲ୍ଲା ଉପସଭାପତି ଶିବ ଶଙ୍କର ମିଶ୍ର, ଅନୁଷ୍ଠାନ ର ଏମ୍ ଏମ୍ ସି ସଭାପତି ଓ ପ୍ରଧାନ ଶିକ୍ଷକ ତଥା ବ୍ଲକ କାର୍ଯ୍ୟକାରୀ ସଭାପତି ବେଣୁଧର ନନ୍ଦୀ ପ୍ରଭୃତି ଯୋଗଦେଇ ଥିଲେ। ସଂପାଦକ ହରିବାସ ଦାସ ବୈଠକ ର ଆଭିମୁଖ୍ୟ ଏବଂ ଓଷ୍ଟା ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନେ ଶିକ୍ଷା ବ୍ୟବସ୍ଥା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ର ଉତ୍ତର ଦେବାକୁ ଯାଇ ଅତିଥି ମାନେ ଏହି ଆହ୍ୱାନ ଦେଇ ଥିଲେ ଯେ ଆଉ ଚୁପ୍ ରହି ବସିଲେ ଚଳିବ ନାହିଁ। ଓଡ଼ିଶାର ଲାଞ୍ଛିତ ଅଗଣିତ ଶିକ୍ଷକ ସମାଜର ଅଧିକାର, ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାୟତନର ସୁରକ୍ଷା ପାଇଁ ଏକ ଦୁର୍ବାର ଆନ୍ଦୋଳନ ଡ଼ାକରା ଦେଇ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ ( ଓଷ୍ଟା ) ଆନ୍ଦୋଳନ ର ମଇଦାନକୁ ଓହ୍ଲାଇଛି। ଅଗଷ୍ଟ ୯ କ୍ରାନ୍ତି ଦିବସ ରେ ରାଜ୍ୟ ର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଏବଂ ୧୬ ତାରିଖରେ ଭୁବନେଶ୍ୱର ରାଜଦାଣ୍ଡରେ ଏକ ବିଶାଳ ରାଲି ଓ ବିକ୍ଷୋଭ ର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ଅବସରରେ ନବ ନିର୍ବାଚିତ ରାଜ୍ୟ ଓଷ୍ଟା ର ସଭାପତି, ଜିଲ୍ଲା ସଭାପତି, ସଂପାଦକ ଓ ଉପସଭାପତି ଙ୍କୁ ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ଅଗଷ୍ଟ ୫ ତାରିଖରେ ହେବାକୁ ଥିବା ଜିଲ୍ଲା କନଭେସନରେ ସମସ୍ତ ଙ୍କୁ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା ।

# ଓପିଏସସି ପରୀକ୍ଷାରେ ୪୪ ତମ ସ୍ଥାନପାଇ ମୟୁରଭଞ୍ଜ ଜିଲ୍ଲାର ଶୀର୍ଷ ସ୍ଥାନରେ ବର୍ଷା ସାମଲ



ବାରିପଦା , ୨/୦୮ (ନି.ପ୍ର): ଚଳିତ ବର୍ଷ ଓଡିଶା ସିଭିଲ ସର୍ଭିସ ପରୀକ୍ଷରେ ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଭୁଆସୁଣୀ ଗ୍ରାମର ଶୁକନ୍ୟା ସୁଶ୍ରୀ ବର୍ଷା ସାମଲ ଓଡ଼ିଶାର ମୋଟ ୪୩୨ଜଣଙ୍କ ମଧ୍ୟରୁ ୪୪ ତମ ସ୍ଥାନପାଇ ମୟୁରଭଞ୍ଜ ଜିଲ୍ଲାର ଶୀର୍ଷ ସ୍ଥାନରେ ଅଛନ୍ତି। ସୁଶ୍ରୀ ସାମଲ ଜଣେ ମେଧାବୀ ଛାତ୍ରୀ। ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ମଧ ସେ ଜିଲ୍ଲାର ଟପ୍ପର ହୋଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଓୟୁଏଟି ଭୁବନେଶ୍ୱରରେ ଯୋଗଦାନ କରି ସେଠାରୁ ମଧ ବିଏସସି (ଫରେଷ୍ଟ୍ରି)ରେ ଟପ୍ପର ହୋଇଥିଲେ। ସେ କେନ୍ଦ୍ରୀୟ ସରକାରଙ୍କ ଠାରୁ ଜୁନିୟର ରିସର୍ଚ୍ଚ ଫେଲୋ ହିସାବରେ ଏମଏସସି ଏଗ୍ରୋ ଫରେଷ୍ଟ୍ରିରେ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱ ବିଦ୍ୟାଳୟ ରାୟପୁର, ଛତିଶଗଡ଼ରେ ପାଇ ସେଠାରେ ମଧ ସମଗ୍ର କୃଷି ବିଶ୍ୱ ବିଦ୍ୟାଳୟରୁ ଟପ୍ପର ହୋଇ ଗୋଲଡ଼ ମେଡାଲ ପାଇଥିଲେ। ଏମଏସସି ଏଗ୍ରୋ ଫରେଷ୍ଟ୍ରି ରେ ପିଏଚଡି କରୁଥିବା ସ୍ଥଳେ ଓପିଏସସି ଦ୍ୱାରା ପରିଚାଳିତ ୨୦୨୧ ମସିହାରେ ଓଏଫଏସ ପାଇ ଅଧୁନା ଟ୍ରେନିଂରେ ଅଛନ୍ତି। ତାଙ୍କର ପିତା ଡ଼. ଅଜୟ କୁମାର ସାମଲ ମୟୁରଭଞ୍ଜ ଜିଲ୍ଲାର ଜଣେ ଜଣାଶୁଣା ଆଇନଜୀବୀ ହୋଇଥିବା ବେଳେ ମାତା ମମତାଞ୍ଜଳି ସାମଲ ମହାରାଣୀ ତକତ କୁମାରୀ ସରକାରୀ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଅଟନ୍ତି। ଆଗକୁ ଜଣେ ପ୍ରଶଶିକା ଭାବରେ ସାଧାରଣ ଲୋକଙ୍କ ସୁବିଧା ପାଇଁ କାମ କରିବେ ବୋଲି ବର୍ଷା ଲକ୍ଷ ରଖିଛନ୍ତି।

## ଟ୍ରକ ଧକ୍କାରେ ଓଲଟିଲା ବିଦ୍ୟୁତ ଖୁଣ୍ଟ: ଅଳ୍ପକେ ବର୍ତ୍ତିଲ ଲୋକେ

ବସ୍ତା, ୨/୦୮ (ନି.ପ୍ର): ସିଂଲା ଥାନା ପୁଟୁରା ପଞ୍ଚାୟତ ଅନ୍ତର୍ଗତ ପୁଟୁରା ଗ୍ରାମରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ନିମନ୍ତେ ଆସୁଥିବା ପାଇପ ବୋଝେଇ ୦ଡି-୦୨ଏବି-୩୬୧୭ ଟ୍ରକ ଟି ରାସ୍ତା କୋଡରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଣ୍ଟ କୁ ଧକ୍କା ଦେବା ଫଳରେ ଖୁଣ୍ଟ ଟି ଓଲଟି ପଡି ଗୋଟିଏ ଗଛରେ ଅଟକି ରହିଯାଇଥିଲା । ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୀର୍ଘ ପ୍ରାୟ ୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଜାମଶୂଳୀ ବିଦ୍ୟୁତ ବିଭାଗ ଯନ୍ତ୍ରୀ ରବିନ୍ଦ୍ର ନାୟକ ଙ୍କ ପରାମର୍ଶ କ୍ରମେ ଉକ୍ତ ଖୁଣ୍ଟ କୁ ମରାମତି କରିଥିଲେ ଓ ବିଦ୍ୟୁତ ସଂଯୋଗ କରିଥିଲେ ।

# ତହସିଲଦାରଙ୍କ ହସ୍ତକ୍ଷେପ ଫଳରେ ଅବରୋଧମୁକ୍ତ ହେଲା ପାଣିନାଳ



ନୀଳଗିରି , ୨/୦୮ (ନି.ପ୍ର): ନୀଳଗିରି ତହସିଲଦାରଙ୍କ ହସ୍ତକ୍ଷେପ ଫଳରେ ଜଳବନ୍ଦୀ ହୋଇ ରହିଥିବା ପରିବାର ଶେଷରେ ମୁକ୍ତି ପାଇଛନ୍ତି। ଔପଦା ବ୍ଲକ୍ ଦକ୍ଷିଣ ନରସିଂହପୁର ଗ୍ରାମର ଏକ ଅଜୟ ପରିଡା ଏକ ପାଣିନାଳରେ ମାଟି ପକାଇ ବନ୍ଦ କରିଦେବା ଫଳରେ ଲଗାଣ ବର୍ଷା ଯୋଗୁଁ ପାଣି ନିଷ୍କାସନ ହୋଇ ନପାରି ବେତର ଗ୍ରାମର ନନ୍ଦ ମହାପାତ୍ର, ଜୟନ୍ତ ମଳିକ, ପାକନ ମଳିକ, ଦୟାନିଧି ମଳିକ, ରଶ୍ମିତା ମଳିକ, ଉପେନ୍ଦ୍ର ମଳିକ, ହେମ ମଳିକ, ଭାଗବତ ବାରିକ, ସରୋଜ ବାରିକ ପ୍ରମୁଖଙ୍କ ଘରେ ପାଣି ପଶିଯିବା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତେବେ ଅଜୟ ପରିଡ଼ାଙ୍କ କହିବା ଅନୁସାରେ ଉକ୍ତ ଗ୍ରାମରକରୁଣାକର ବାରିକ, ଚକ୍ରଧର ବାରିକ, ପ୍ରଶାନ୍ତ ବାରିକ, ଚନ୍ଦ୍ରକାନ୍ତ ବାରିକ ତାଙ୍କ ଘର ସାମ୍ନାରେ ଥିବା ପାଣିନାଳ ମାଟି ପକାଇ ବନ୍ଦ କରିଦେବା ପାଇଁ ମୁଁ ବାଧ ହୋଇ ମାଟି ପକାଇଥିଲି। ପରେ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଘଟଣା ସ୍ଥଳରେ ନୀଳଗିରି ତହସିଲଦାର ଓ ଆର ଆଇ ପହଞ୍ଚି ଉଭୟ ସ୍ଥଳରେ ଅବରୋଧ ହୋଇଥିବା ନାଳକୁ ଜେସିବି ସାହାଯ୍ୟରେ ହଟାଇଥିଲେ। ପଞ୍ଚାୟତ ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କୁ ନରସିଂହପୁର ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ଖାଦ୍ୟପେୟ ର ବ୍ୟବସ୍ଥା କରାଯାଇଛି।

# ଆଖୁଆପଦାରେ ବିପଦ ସଙ୍କେତ ଉର୍ଦ୍ଧ୍ୱରେ ବୈତରଣୀ



ଭଦ୍ରକ, ୨/୦୮ (ନି.ପ୍ର): ମଙ୍ଗଳବାର ରାତି ରୁ କେନ୍ଦୁଝର ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀର ବନ୍ୟାଜଳ ବୃଦ୍ଧି ପାଇଛି । ଆଖୁଆପଦା ଠାରେ ବର୍ତ୍ତମାନ ବୈତରଣୀର ବନ୍ୟାଜଳ ବିପଦ ସଂଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ତଳିଆ ଅଞ୍ଚଳ ପାଇଁ ବନ୍ୟା ଜନିତ ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ସୂଚନାଯୋଗ୍ୟକି ଆଖୁଆପଦା ଠାରେ ବୈତରଣୀର ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳ ଆଜି ବୁଧବାର ସଂଧ୍ୟା ୫ ଘଟିକା ସୁଦ୍ଧା ୧୯.୨୭ ଉଚ୍ଚତାରେ ଜଳ ପ୍ରବାହିତ ହେଉଅଛି । ଆଜି ବୁଧବାର ରାତ୍ର ୮ଟା ରୁ ୯ଟା ମଧ୍ୟରେ ଏହି ବନ୍ୟାଜଳ ଆଖୁଆପଦାରେ ୨୦.୫ ମିଟର ଛୁଇଁବା ଆକଳନ କରାଯାଇଛି ଏବଂ ବନ୍ୟାଜଳ ରାତ୍ର ୨ଟା ସୁଦ୍ଧା ଧାମନଗର ପହଞ୍ଚିବ । ଏହାର ମୁକାବିଲା ପାଇଁ ଜିଲ୍ଲା ଓ ସଂପୃକ୍ତ ବ୍ଲକ୍ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ତଳିଆ ଅଞ୍ଚଳରେ ଚାଳ ଛପର, ମାଟି ଘରେ ଥିବା ଲୋକମାନେ ଯଥା ପୂର୍ବରୁ ନିରାପଦ ସ୍ଥାନ ବାତ୍ୟାଶ୍ରୟ, ପକ୍‌କା ଘର ଆଦିକୁ ପଳାଇ ଯାଇ ଆଶ୍ରୟ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଜନସାଧାରଣଙ୍କୁ ନିବେଦନ କରାଯାଇଛି । ପ୍ରଶାସନ ଦ୍ୱାରା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ପ୍ରକ୍ରିୟାରେ ଲୋକ ପ୍ରଶାସନକୁ ସହଯୋଗ କରିବା ପାଇଁ ମଧ ଜିଲ୍ଲାପାଳ ଆନ୍ତରିକତାର ସହିତ ଲୋକଙ୍କୁ ବିନତି କରିଛନ୍ତି । ସୂଚନାଯୋଗ୍ୟକି ଏଥିପାଇଁ ୧ଟି ଏନ୍.ଡ଼ି.ଆର୍.ଏଫ୍ ଓ ୧ଟି ଓ.ଡ଼ି.ଆର୍.ଏଫ୍ ଦଳ ସଂପୃକ୍ତ ଅଞ୍ଚଳ ପାଇଁ ମୂତୟନ କରାଯାଇଛି । ୩୦ ସଦସ୍ୟ ବିଶିଷ୍ଟ ଏନ୍.ଡ଼ି.ଆର.ଏଫ୍. ଟିମ୍ ଧାମନଗରରେ ଉପସ୍ଥିତ ଅଛନ୍ତି । ଆଖୁଆପଦା ଆନିକଟ ନିକଟରୁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି । ତେବେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ଅଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

# ୪୦ଲକ୍ଷ ଟଙ୍କାର ସୁନାଗହଣା ଲୁଟ ଘଟଣାରେ ଦିଲ୍ଲୀ ପୋଲିସ ନୀଳଗିରିରେ

ନୀଳଗିରି, ୨/୦୮ (ନି.ପ୍ର): ଦିଲ୍ଲୀରେ ଏକ ଜୈନିକ ବ୍ୟକ୍ତିଙ୍କ ଘରେ କାମ କରୁଥିବା ନିଳଗିରି ଥାନା ଅନ୍ତର୍ଗତ ଧିମେଇ ଗ୍ରାମର ଜଣେ ଯୁବକ ଘର ମାଲିକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଘରେ ଥିବା ଗଡ୍ରେଜରୁ ତାଲା ଭାଙ୍ଗି ଆନୁମାନିକ ୪୦ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇ ଫେରାର ହୋଇଯାଇଥିଲା। ଏନେଇ ଘରମାଲିକ ଦିଲ୍ଲୀ ପୋଲିସ ରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ଦିଲ୍ଲୀ ପୋଲିସ ନିଳଗିରିରେ ପହଞ୍ଚି ନିଳଗିରି ପୋଲିସ ସହାୟତାରେ ଭିମେଇ ଗ୍ରାମକୁ ଆସିଥିଲେ। ମାତ୍ର ଅଭିଯୁକ୍ତ ଘରେ ନଥିବାରୁ ଫେରି ଆସିଥିଲେ।

# ୟୁକୋ ପକ୍ଷରୁ ମାଛଚାଷ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର , ୨/୦୮ (ନି.ପ୍ର): ବାଲେଶ୍ୱର ଜିଲା ଆରଏସ୍‌ଟି (ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା)ର କର୍ମକର୍ତ୍ତାମାନଙ୍କ ପକ୍ଷରୁ ୧୦ ଦିନିଆ ପ୍ରଶିକ୍ଷଣ ଶିବିରରେ ୩୫ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଜିଓପି ପ୍ରକଳ୍ପ ଅଧିନରେ ସ୍ୱୟଂ ସହାୟକ ଗୋଷ୍ଠୀର ଏହି ସଦସ୍ୟ ମାନଙ୍କୁ ମାଛଚାଷ ସଂପର୍କରେ ବୈଷୟିକ ଜ୍ଞାନ, ଆର୍ଥିକ ସହାୟତା ପାଇବାର ନିୟମ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲା ପ୍ରବନ୍ଧକ ବିଶ୍ୱଜିତ୍ ସତପଥି, ଓଡିଶା ଜିବିକା ମିଶନର ଜିଲା ପ୍ରକଳ୍ପ ପ୍ରବନ୍ଧକ କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲାପରିଷଦର ଅତିରିକ୍ତ ପ୍ରକଳ୍ପ ଅଧିକାରୀ କୌଶିକ ପାତ୍ର ଯୋଗ ଦେଇ ଆର୍ଥିକ ସ୍ୱାବଲମ୍ବି ହେବାଲାଗି ବିଭିନ୍ନ ସହାୟତା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆରଥଏସ୍‌ଟିର ନିର୍ଦ୍ଦେଶକ ସୁବ୍ରତ ମହାକୁଡ, ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅଭିଶେଷ ଗିରି, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିୟଙ୍କା ସାହୁ, ସରପଂଚ ଜୟନ୍ତି ପରିଡା, ବ୍ଲକ ପ୍ରକଳ୍ପ ଅଧିକାରୀ ମଧୁମିତା ଦାସ, ପ୍ରଶିକ୍ଷକ ଅଭିଶେଷ ସ୍ୱାଇଁ, ମତ୍ସ୍ୟମିତ୍ର ସଂଜିତ ପ୍ରଧାନ, ସବିତା ପାତ୍ର ପ୍ରକୁଖ ଏଥିରେ ଯୋଗ ଦେଇଥିଲେ ।

## ରାତିରେ ଶୋଇଥିବା ବେଳେ କାମୁଡ଼ିଲା ସାପ: ଯୁବକ ମୃତ

ବାସୁଦେବପୁର , ୨/୦୮ (ନି.ପ୍ର): ସବୁଦିନ ପରି ଖାଇ ସାରି ଶୋଇବାକୁ ଯାଇଥିଲେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନ କୃଷ୍ଣ ପୁର ଗ୍ରାମ ର ଯୁବକ ସୁଶାନ୍ତ। ଅଚାନକ ମଧ ରାତ୍ର ରେ ତାଙ୍କର ହୋଇଥିଲା ପ୍ରବଳ ବାନ୍ତି। କେହି କିଛି ବୁଝିବା ପୂର୍ବରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ବାସୁଦେବପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଆସିଥିଲେ। ଡାକ୍ତର ଅବସ୍ଥା ଗୁରୁତର ହେବାରୁ ତୁରନ୍ତ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରିଥିଲେ। ଭଦ୍ରକ ରେ ଡାକ୍ତର ତୁରନ୍ତ ପରିବାର ଲୋକ ଙ୍କୁ କହିଥିଲେ ଯେ ସୁଶାନ୍ତ କୁ ସାପ କାମୁ ଡିଛି। ସେଇ ଭଦ୍ରକ ରେ ଡାକ୍ତର ସୁଶାନ୍ତ ଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଟି ଘଟିଛି ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନ କୃଷ୍ଣ ପୁର ଗ୍ରାମ ପଞ୍ଚାୟତ ର। ମୃତ ଯୁବକ ଜଣକ ହେଲେ ସୁଶାନ୍ତ ନାୟକ, ବୟସ ୨୨, ପିତା ଶଶିଧର ନାୟକ। ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ସୁଶାନ୍ତ ଙ୍କ ମୃତ ଘୋଷଣା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କଥା ପରିବାର ଲୋକେ କହିଛନ୍ତି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା




ବାରିପଦା , ୨/୦୮ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେ.ସି.ଏମ. ବାଲିଡିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନ କୁମାର ଚୌଧୁରୀ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ଓ ବକ୍ତା ଭାବରେ ବିଦ୍ୟାଳୟର ଆଚାର୍ଯ୍ୟ ଦେବାଶିଷ ଲାଲ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ଶିଶୁମାନେ ପ୍ରକଳ୍ପ, ପ୍ରୟୋଗ ଓ ପତ୍ରବାଚନରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ସମାରୋପ ଉତ୍ସବରେ ସ୍ତମ୍ଭକାର ଓ ସାହିତ୍ୟିକ କବି ବିଷ୍ଣୁ ଶତପଥୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାନନୀୟ ଗଙ୍ଗାଧର ବେହେରା ଯୋଗଦାନ କରିଥିବା ବେଳେ ବିଦ୍ୟାଳୟର ଆଚାର୍ଯ୍ୟ ମନାସିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗ୍ୟାସଟାଙ୍କି ଚୋରିକରି ଜେଲ୍ ଗଲା ଚୋର

ନୀଳଗିରି , ୨/୦୮ (ନି.ପ୍ର): ବରହମପୁର ଥାନା ଅନ୍ତର୍ଗତ ବରହମପୁର ଗ୍ରାମରେ ନିଜ ସମ୍ପର୍କୀୟ ଭାଇଙ୍କ ଘରୁ ଗ୍ୟାସ ଟାଙ୍କି ଚୋରିକରି ଜେଲ୍ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ ବରହମପୁର ଗ୍ରାମର ଜୟନ୍ତ ସାହୁ (୩୫) ଉକ୍ତ ଗ୍ରାମର ସମ୍ପର୍କୀୟ ଭାଇ କାଳିଆଙ୍କ ଘରୁ ମଙ୍ଗଳବାର ରାତ୍ରୀରେ ଏକ ଗ୍ୟାସ ଟାଙ୍କି ଚୋରୀ କରିଥିଲା। କାଳିଆ ବରହମପୁର ଥାନାରେ ଅଭିଯୋଗ ପରେ ପୋଲିସ୍ ଜୟନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜୟନ୍ତ ପୂର୍ବରୁ ବହୁବାର ସାଇକେଲ, ଦୋକାନ ଚୋରି ଇତ୍ୟାଦି ଛୋଟମୋଟ ଚୋରି କରି ଧରା ପଡ଼ିଥିବା ସୂଚନା ରହିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo